Bhubaneswar- 16 June 2026
ଭୁବନେଶ୍ୱର- ୧୬ ଜୁନ୍ ୨୦୨୬
Vol- 1 Issue - 50
ଭାଗ- ୧ ସଂଖ୍ୟା- ୫୦
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ, ଫେରିବ ଶାନ୍ତି

## ଆମେରିକା-ଇରାନ୍ ମଧ୍ୟରେ ଡିଲ୍ ଫାଇନାଲ୍

- ୧୪ ମୁଦ୍ଦା ଉପରେ ଦୁଇ ଦେଶ ମଧ୍ୟରେ ସହମତି
- ୧୯ରେ ଜେନେଭାରେ ସ୍ୱାକ୍ଷରିତ ହେବ ଶାନ୍ତିଚୁକ୍ତି
- ହୋର୍ମୁଜ ଖୋଲିବାକୁ ମିଳିଲା ମଞ୍ଜୁରୀ
- ଏହି ଚୁକ୍ତି ଶାନ୍ତି ଓ ସ୍ଥିରତା ଫେରାଇ ଆଣିବ: ମୋଦି



**ନୂଆଦିଲ୍ଲୀ:** ଥମିବ ଯୁଦ୍ଧ। ଫେରିବ ଶାନ୍ତି । ଖୋଲିବ ହୋର୍ମୁଜ । ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି । ଇରାନ୍-ଆମେରିକା ମଧ୍ୟରେ ଐତିହାସିକ ଶାନ୍ତିଚୁକ୍ତି ଫାଇନାଲ୍ ହୋଇଛି । ଜୁନ୍ ୧୯ରେ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ସ୍ୱାକ୍ଷରିତ ହେବ ଶାନ୍ତିଚୁକ୍ତି । ଯୁଦ୍ଧ ରୋକିବାକୁ ଶାନ୍ତି ଚୁକ୍ତି ପାଇଁ ଉଭୟ ଦେଶ ସହମତ ହୋଇଛନ୍ତି । ଡିଲ୍‌ରେ ୧୪ ମୁଦ୍ଦା ଉପରେ ଦୁଇ ଦେଶ ମଧ୍ୟରେ ସହମତି ହୋଇଛି . ୮୦ ତମ ଜନ୍ମଦିନ ଅବସରରେ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ପାକିସ୍ତାନ ମଧ୍ୟସ୍ଥତାରେ ୧୪ ଘଣ୍ଟାର ଆଲୋଚନା ପରେ ଶାନ୍ତି ଚୁକ୍ତି ଘୋଷଣା ହୋଇଛି । ଐତିହାସିକ ଶାନ୍ତି ଡିଲ୍ ଦ୍ୱାରା ୩ ମାସ ଧରି ଚାଲିଥିବା ଯୁଦ୍ଧର ଅନ୍ତ ହୋଇଛି । ଏବେ ଖୋଲିବ ହୋର୍ମୁଜ ପ୍ରଣାଳୀ । ଅବରୋଧ ହଟାଇବ ଆମେରିକା। ଅର୍ଥାତ ଆସନ୍ତା ୪ ଦିନ ପରେ ହୋର୍ମୁଜ ଷ୍ଟ୍ରିଟ୍ ଖୋଲିବ । ଫେବୃଆରୀରୁ ଆରମ୍ଭ ହୋଇଥିବା ଆମେରିକା-ଇରାନ୍ ଯୁଦ୍ଧ ୪ ମାସ ପରେ ଶେଷ ହେବାକୁ ଯାଉଛି । ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ବୁଝାମଣା ଲାଗି ପ୍ରସ୍ତୁତ କରାଯାଇଥିବା ଚିଠା ବା ଡ୍ରାଫ୍ଟରେ ଉଭୟ ପକ୍ଷ ମଧ୍ୟରୁ ସହମତି ପ୍ରକାଶ ପାଇଥିବା ରିପୋର୍ଟ ପ୍ରକାଶ ପାଇଛି । ଏହି ଡ୍ରାଫ୍ଟରେ ପରମାଣୁ କାର୍ଯ୍ୟକ୍ରମ, ଇରାନୀ ତୈଳ ଉପରେ କଟକଣା ହଟାଯିବା, ଇରାନର ଜବତ ହୋଇଥିବା ସମ୍ପତ୍ତି ଆମେରିକା ରିଲିଜ କରିବା ସମେତ ହୋର୍ମୁଜ ସହ ଜଡ଼ିତ ପ୍ରସଙ୍ଗ ସ୍ଥାନିତ ହୋଇଛି । ଆମେରିକା ଏବଂ ଇରାନ ଏକ ଐତିହାସିକ ଶାନ୍ତି ଚୁକ୍ତିନାମା ଆସନ୍ତା ଶୁକ୍ରବାର ସ୍ୱିଜରଲ୍ୟାଣ୍ଡରେ ଆନୁଷ୍ଠାନିକ ଭାବରେ ସ୍ୱାକ୍ଷରିତ ହେବା ଆଶା କରାଯାଉଛି। ଏହା ପରେ ତେହେରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଗାମୀ ୬୦ ଦିନ ମଧ୍ୟରେ ବିସ୍ତୃତ ଆଲୋଚନା ହେବ ବୋଲି ରିପୋର୍ଟ ମିଳିଛି। ଶାନ୍ତି ଚୁକ୍ତିନାମା ଘୋଷଣା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଆମେରିକା-ଇରାନ ଶାନ୍ତି ଚୁକ୍ତିନାମାରେ ପହଞ୍ଚିଛି । 'ମୁଁ ଏବେ ହୋର୍ମୁଜ ପ୍ରଣାଳୀକୁ ଟୋଲ୍-ଫ୍ରି ଖୋଲିବା ଏବଂ ନୌସେନା ଅବରୋଧ ଉଠାଇବା ପାଇଁ ଅନୁମୋଦନ କରୁଛି । ତଥାପି, ଇରାନ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଏହାର ନିଷ୍ପତ୍ତି ଘୋଷଣା କରିନାହିଁ। ବିଶ୍ୱର ଦେଶଗୁଡ଼ିକ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ସ୍ୱାଗତ କରିଛନ୍ତି । କାରଣ ଅନେକ ଏହି ଯୁଦ୍ଧର ଶେଷ ପାଇଁ ଅପେକ୍ଷା କରିଥିଲେ। ଜାପାନ ଶାନିଚୁକ୍ତିକୁ ସ୍ୱାଗତ କରିବା ସହ ବଡ଼ ପଦକ୍ଷେପ ବୋଲି କହିଛି । ସେହିପରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ୍ୟ ପିସ୍ ଡିଲକୁ ସ୍ୱାଗତ କରିଥିବା ଏକ୍ସରେ ପୋଷ୍ଟ କରିଛନ୍ତି। ଇରାନ୍‌ର ପ୍ରମୁଖ ଦାବି- ଆମେରିକା ସହ ପ୍ରସ୍ତାବିତ ୧୪ ସୂତ୍ରୀ ଡ୍ରାଫ୍ଟ ଏଓୟୁ ଜାରି କରିଛି ଇରାନ୍। ଅନ୍ତର୍ଜାତୀୟ ମିଡିଆ ରିପୋର୍ଟ ଅନୁସାରେ ୧୪ ପ୍ରମୁଖ ଦାବି ରଖିଛି ଇରାନ୍। ୩୦ ଦିନ ଭିତରେ ହୋର୍ମୁଜରୁ ସଂପୂର୍ଣ୍ଣ ଅବରୋଧ ହଟାଇବ ଆମେରିକା। ଇରାନ୍‌ର ଫ୍ରିଜ୍ ହୋଇଥିବା ୧୨ ବିଲିଅନ୍ ଡଲାର ରିଲିଜ କରିବ। ଇରାନୀ ତୈଳ ଓ ପେଟ୍ରୋକେମିକାଲ୍ସ ଉପରୁ ହଟିବ କଟକଣା। ଇରାନରେ ପୁନଃନିର୍ମାଣ କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ଦିଆଯିବ । ଆର୍ଥିକ ସହାୟତା ଦେବ ଆମେରିକା ଓ ସହଯୋଗୀ ଦେଶ। ଅନ୍ୟପଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିକୁ ସ୍ୱାଗତ କରିଛନ୍ତି। ଏହି ଚୁକ୍ତି ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଆଣିବ ଏବଂ ଗତିବିଧି ଏବଂ ବାଣିଜ୍ୟର ସ୍ୱାଧୀନତା ଫେରାଇ ଆଣିବ ବୋଲି ଆଶା ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଛନ୍ତି ଯେ, ଏହି ସଂଘର୍ଷ ସାରା ବିଶ୍ୱରେ ଗମ୍ଭୀର ଆର୍ଥିକ ବାଧା ସୃଷ୍ଟି କରିଛି ଏବଂ ଅନେକ ଦେଶରେ ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛି। ସେ ଆଲୋଚନା ମାଧ୍ୟମରେ ଏକ ସ୍ଥାୟୀ ଚୁକ୍ତି ହାସଲ କରିବା ବିଷୟରେ ଆଶାବାଦୀ ଅଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ଅନ୍ତ ପାଇଁ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଚୁକ୍ତିକୁ ମୁଁ ସ୍ୱାଗତ କରୁଛି। ଏହି ଉତ୍ତେଜନା ବିଶ୍ୱବ୍ୟାପୀ ଗମ୍ଭୀର ଆର୍ଥିକ ବାଧା ସୃଷ୍ଟି କରିଛି ଏବଂ ଅନେକ ଦେଶରେ ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛି। ସେ ଆହୁରି କହିଛନ୍ତି, ଭାରତ ଆଶା କରୁଛି ଯେ ଏହି ଚୁକ୍ତିର କାର୍ଯ୍ୟାନ୍ୱୟନ ଏହି କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବାରେ ସାହାଯ୍ୟ କରିବ ଏବଂ ନୌଚାଳନା ଏବଂ ବାଣିଜ୍ୟର ସ୍ୱାଧୀନତା ସୁନିଶ୍ଚିତ କରିବ। ଆମେ ଆଲୋଚନା ମାଧ୍ୟମରେ ବାକି ପ୍ରସଙ୍ଗଗୁଡ଼ିକ ଉପରେ ଏକ ସ୍ଥାୟୀ ଚୂଡ଼ାନ୍ତ ଚୁକ୍ତିରେ ପହଞ୍ଚିବାକୁ ଅପେକ୍ଷା କରିଛୁ।

### ବନ୍ଧୁ ସାଜିଲା ବଇରୀ

## ପୂର୍ବ ଶତ୍ରୁତାକୁ ନେଇ ସାଙ୍ଗର ଜୀବନନେଲା ସାଙ୍ଗ

### ଆସାମୀକୁ ନେଇ କ୍ରାଇମ ସିନ୍ ରି-କ୍ରିଏସନ୍ କଲା ପୋଲିସ

**ନୀଳଗିରି :** ବନ୍ଧୁ ସାଜିଲା ବଇରୀ। ଓଡିଆ ଶବ୍ଦକୋଷରେ ମଇତ୍ର(ସଙ୍ଗାତ,ସାଙ୍ଗ) ଭଳି ପବିତ୍ରଶବ୍ଦକୁ ଜଳାଞ୍ଜଳି ଦେଇ ଜଣେ ସାଙ୍ଗ ଅନ୍ୟଜଣେ ସାଙ୍ଗର ଜୀବନ ବି ନେଇପାରେ ଯାହା ନୀଳଗିରି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଛି। ଘଟଣାର ୨୨ଦିନପରେ ମୃତକଙ୍କ ଗଳିତଶବ ଉଦ୍ଧାର କରାଯାଇଛି।ସୂଚନା ମୁତାବକ ନୀଳଗିରି ବ୍ଲକ୍ ବରହମପୁର ଥାନା କେସିପୁର ପଞ୍ଚାୟତ ଜାମୁନା ଗ୍ରାମର ବୀରେନ୍ଦ୍ର ବେହେରା (ଡ୍ରାଇଭର)ଏବଂ ଉକ୍ତ ପଞ୍ଚାୟତ ଅଧୀନସ୍ଥ ଗବପାଳ ଗ୍ରାମର ବୀରେନ୍ଦ୍ର ମଢେଇଙ୍କ ମଧ୍ୟରେ ମଇତ୍ର ବା ସଙ୍ଗାତ ବସି ପରସ୍ପର ପରସ୍ପର ଘରକୁ ଅବାଧରେ ଯିବାଆସିବା ଚାଲିଆସୁଥିଲା। ଇତିମଧ୍ୟରେ ଡ୍ରାଇଭର ବୀରେନ୍ଦ୍ରଙ୍କ ସହିତ ବନ୍ଧୁପତ୍ନୀଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଦର୍ଶାଇ ବୀରେନ ପ୍ରାୟ ଦୁଇମାସ ପୂର୍ବେ ବନ୍ଧୁ ବୀରେନ୍ଦ୍ରଙ୍କୁ ଘରକୁ ଡ଼ାକି ବାନ୍ଧିପିଟିଥିବା ଏବଂ ସ୍ଥାନୀୟ ସରପଞ୍ଚଙ୍କ ମଧ୍ୟସ୍ଥତାରେ ୫୦ହଜାର ଟଙ୍କା ଜୋରିମାନାଦେଇ ଘଟଣାର ସମାଧାନ ହୋଇଥିଲା। ତେବେ ଏହି ଶତ୍ରୁତା ଉଗ୍ରରୂପ ନେଇଥିଲା ଗତ ମେ ୨୫ତାରିଖରେ ରାତିରେ । ଯୋଜନାବଦ୍ଧ ଭାବେ ବିରେନ୍ଦ୍ରଙ୍କୁ କପ୍ତିପଦାରେ ଡମ୍ଫର୍ ଚଲାଇବାକୁ ଅନ୍ୟ ଜଣକ ମୋବାଇଲରୁ ଫୋନକରି ଅଭିଯୁକ୍ତ ବୀରେନ ଡ଼ାକିଥିଲେ। ବିରେନ୍ଦ୍ର ଯାମୁନାଛକରେ ପହଞ୍ଚିବାପରେ ବୀରେନ ଓ ତାଙ୍କର କିଛି ସହଯୋଗୀ ଏକସ୍କୁଟିରେ ବସାଇ ଅପହରଣକରି ନେଇଥିଲେ। ପରେ ବୀରେନଙ୍କ ଶଶୁର ଘର ମୟୂରଭଞ୍ଜ ଜିଲ୍ଲା ଉଦଳା ଅଦାପାଳ ନିକଟସ୍ଥ କୁଅଁରପାଳ ଗ୍ରାମକୁ ନେଇଯାଇ ପିଟି ହତ୍ୟା କରିଥିଲା। ପରେ ନିଜକୁ ସୁରକ୍ଷିତ ରଖିବାପାଇଁ ମହାରାଷ୍ଟ୍ରକୁ କାମକରିବାକୁ ପଳାଇ ଯାଇଥିଲେ।ଏପଟେ ବୀରେନ୍ଦ୍ରଙ୍କ ସ୍ତ୍ରୀ ସାବିତ୍ରୀ ସ୍ୱାମୀକୁ ନପାଇ ମେ ୩୧ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ସ୍ୱାମୀକୁ ଅପହରଣ କରିବାରେ ବନ୍ଧୁ ବିରେନ୍ଦ୍ରଙ୍କ ହାତ ରହିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଏତଲାକୁ ଗ୍ରହଣକରି ତଦନ୍ତ ଜାରିରହିଥିବା ବେଳେ ବିଶେଷସୁତ୍ରରୁ ଖବରପାଇ ବରହମପୁର ପୋଲିସର ଏକ ଟିମ୍ ମହାରାଷ୍ଟ୍ର ପୋଲିସ ସହାୟତାରେ ପୁନେ ଅଞ୍ଚଳରେ ବିରେନ୍ଦ୍ରକୁ ଗିରଫକରିବାରେ ସଫଳ ହୋଇଥିଲା। ଆଜି ବାଲେଶ୍ୱର ଆଡିସନାଲ ଏସ.ପି ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ବରହମପୁର ଆଇଆଇସି ପ୍ରେମଦା ନାୟକ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀ ଅଭିଯୁକ୍ତ ବୀରେନକୁ ନେଇ କ୍ରାଇମ ସିନ୍ ରି-କ୍ରିଏସନ୍ କରିଥିଲା। ସୂଚନା ଥାଉକି ଅଭିଯୁକ୍ତ ବିରେନ୍ଦ୍ର ମଢେଇ ଶଶୁରଘର କୁଅଁରପାଳ ଠାରୁ ୩/୪କି. ମି ଦୂର ବଡସିଙ୍ଗାରିଆ ଗ୍ରାମନିକଟ ଏକ ବିଲହିଡରେ ନୂଆକରି ମାଟିପଡ଼ିଥିବା ହିଡରେ ଗାତଖୋଳି ପୋତିଦେଇଥିଲା। ମଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହିତ ଉଭୟ ବରହମପୁର ପୋଲିସ ଏବଂ ଉଦଳା ପୋଲିସ ସହାୟତାରେ ମୃତ ବିରେନ୍ଦ୍ର ବେହେରାଙ୍କ ଗଳିତଶବ ଉଦ୍ଧାର କରାଯାଇଥିଲା।

### ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬'ର ଶୁଭାରମ୍ଭ

## ଏହା ଆମ ସାଂସ୍କୃତିକ ସ୍ୱାଭିମାନର ଯାତ୍ରା : ମୁଖ୍ୟମନ୍ତ୍ରୀ

- ୧୧୦୦ରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ବାହାରିଲା ସ୍ୱତନ୍ତ୍ର ଟ୍ରେନ



**ଭୁବନେଶ୍ୱର:** ଓଡ଼ିଶାର ସାଂସ୍କୃତିକ ଓ ଆଧାତ୍ମିକ ଇତିହାସରେ ଆଜି ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରଠାରେ ଆନୁଷ୍ଠାନିକ ଭାବେ ଐତିହାସିକ 'ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬'ର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ପ୍ରାୟ ୧୧୦୦ରୁ ଅଧିକ ଭକ୍ତଙ୍କୁ ନେଇ ଗୁଜରାଟର ପବିତ୍ର ପ୍ରଭାସ ପାଟଣସ୍ଥିତ ପ୍ରଭୁ ସୋମନାଥଙ୍କ ଧାମ ଅଭିମୁଖେ ଯାତ୍ରା କରିବାକୁ ଥିବା ଏହି ସ୍ୱତନ୍ତ୍ର ଟ୍ରେନକୁ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ତୀର୍ଥ ଯାତ୍ରାର ଶୁଭ ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ରେଳ ଯାତ୍ରା ନୁହେଁ, ବରଂ ଆମର ଆସ୍ଥା, ଭକ୍ତି ଏବଂ ସାଂସ୍କୃତିକ ସ୍ୱାଭିମାନର ଏକ ମହାଯାତ୍ରା। ପୂର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଶ୍ଚିମରେ ପ୍ରଭୁ ସୋମନାଥ – ଏହି ଦୁଇ ଦିବ୍ୟ ଶକ୍ତି ସମଗ୍ର ଭାରତବର୍ଷକୁ ଏକତା, ଆଧାତ୍ମିକତା ଓ ଅବିନାଶୀ ଚେତନାର ସୂତ୍ରରେ ବାନ୍ଧି ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ତୀର୍ଥଯାତ୍ରା ସାରା ଦେଶରେ ଆୟୋଜିତ ହେଉଥିବା ମହାନ ରାଷ୍ଟ୍ରୀୟ ସଂକଳ୍ପ 'ସୋମନାଥ ସ୍ୱାଭିମାନ ପର୍ବ'ର ଏକ ଗୌରବମୟ ଅଂଶ ଅଟେ, ଯାହା ଭାରତୀୟ ଇତିହାସର ଦୁଇଟି ପ୍ରମୁଖ ମାଇଲଖୁଣ୍ଟକୁ ସ୍ମରଣ କରାଉଛି। ପ୍ରଥମଟି ହେଉଛି, ବର୍ଷ ୧୦୨୬ ମସିହାରେ ମହମ୍ମଦ ଗଜନଭୀଙ୍କ ଦ୍ୱାରା ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ବର୍ବର ଆକ୍ରମଣର ୧୦୦୦ ବର୍ଷ ଏବଂ ଦ୍ୱିତୀୟଟି ହେଉଛି, ସ୍ୱାଧୀନତା ପରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରେରଣାରେ ଏହି ଭବ୍ୟ ମନ୍ଦିରର ପୁନଃପ୍ରତିଷ୍ଠାର ୭୫ତମ ପ୍ଲାଟିନମ୍ ଜୁବିଲି । ଏହି ବର୍ଷବ୍ୟାପୀ ସାଂସ୍କୃତିକ ମହୋତ୍ସବ ଅନ୍ତର୍ଗତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏକ ବ୍ୟାପକ ଗଣ-ତୀର୍ଥଯାତ୍ରାର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ଓଡ଼ିଶାର ଏହି ସ୍ୱତନ୍ତ୍ର ଟ୍ରେନ ଭଳି ଲକ୍ଷ୍ନୌରୁ ୧ ହଜାର ୮ ଜଣ ଏବଂ ଦିଲ୍ଲୀରୁ ପ୍ରାୟ ୧୩୦୦ ଜଣ ଶ୍ରଦ୍ଧାଳୁ ମଧ୍ୟ ପବିତ୍ର ପ୍ରଭାସ ପାଟଣ ଅଭିମୁଖେ ବାହାରିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ବିକାଶ ଭି, ବିରାସତ ଭି' ର ମନ୍ତ୍ର ଆଜି ସୋମନାଥଠାରେ ଅତ୍ୟାଧୁନିକ ଭବ୍ୟ ପ୍ରଦର୍ଶନୀ ଶାଳା, ମ୍ୟୁଜିୟମ, ସମୁଦ୍ର ଦର୍ଶନ ପଥ ଏବଂ ପ୍ରସାଦ ଯୋଜନା ଜରିଆରେ ବିଶ୍ୱସ୍ତରୀୟ ଯାତ୍ରୀ ଭିତ୍ତିଭୂମିର ବିକାଶ କରି ପ୍ରମାଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ଓଡ଼ିଶା ଏବଂ ସୋମନାଥ ମଧ୍ୟରେ ଏକ ଅତୁଟ ଆଧାତ୍ମିକ ସେତୁ ସ୍ଥାପନ କରିବା ପାଇଁ ଏକାମ୍ର କ୍ଷେତ୍ରର ବିନ୍ଦୁସାଗରର ପବିତ୍ର ଜଳ ଏବଂ ପ୍ରାଚୀନ ଶୈବ ପରମ୍ପରାର ଜୀବନ୍ତ ପ୍ରତୀକ କେଦାରଗୌରୀ ମନ୍ଦିରର ପବିତ୍ର ମାଟି ଏହି ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ପ୍ରଭୁ ସୋମନାଥଙ୍କ ଚରଣରେ ଅର୍ପଣ ପାଇଁ ପଠାଯାଉଛି। ଏହି ଯାତ୍ରାରେ ସାମିଲ ଥିବା ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ 'ଓଁ ନମଃ ଶିବାୟ' ପୁସ୍ତିକା ପ୍ରଦାନ କରାଯାଇଛି। ସୋମନାଥ ପୀଠରେ ଶ୍ରଦ୍ଧାଳୁମାନେ ମନ୍ଦିର ଦର୍ଶନ ସହ ଭବ୍ୟ ଆଳତି, ପବିତ୍ର ରୁଦ୍ରାଭିଷେକ, ଅଖଣ୍ଡ ଓଁକାର ଜପ ଏବଂ ମନ୍ଦିରର ସ୍ୱର୍ଣ୍ଣିମ ଇତିହାସକୁ ଜୀବନ୍ତ କରୁଥିବା ଆଧୁନିକ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଏକ ଦିବ୍ୟ ଅନୁଭୂତିର ସାକ୍ଷୀ ହେବେ।

### ରାଜଧାନୀରେ ସିରିଜ୍ ଦୁର୍ଘଟଣା

## ଏକାଧିକ ଗାଡିକୁ ଧକ୍କା ଦେଲା ଏସୟୁଭି, ୨ ମୃତ



**ଭୁବନେଶ୍ୱର :** ରାଜଧାନୀରେ ଭୟାବହ ସିରିଜ୍ ଦୁର୍ଘଟଣା। ନିୟନ୍ତ୍ରଣ ହରାଇ ଏକାଧିକ ବାଇକ୍ ଓ ଅଟୋକୁ ଧକ୍କା ଦେଇ ଲୋକଙ୍କ ଉପରକୁ ମାଡ଼ିଗଲା ଏସୟୁଭି। ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ପ୍ରେସ୍ ଛକ ନ୍ୟୁ ଗମେଣ୍ଟ କଲୋନୀ ସାମ୍ନାରେ ଘଟିଛି ଏହି ସିରିଜ୍ ଦୁର୍ଘଟଣା। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦୁଇ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସୟୁଭିଟି ଅତ୍ୟଧିକ ବେଗରେ ଆସୁଥିବା ବେଳେ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତାରେ ଯାଉଥିବା ବାଇକ୍ ଓ ଅଟୋକୁ ଧକ୍କା ଦେଇଥିଲା। ଧକ୍କାର ତୀବ୍ରତା ଏତେ ଅଧିକ ଥିଲା ଯେ ଅଟୋର ଗୋଟିଏ ଚକା ସମ୍ପୂର୍ଣ୍ଣ ଭାବେ ଖୋଲି ବାହାରି ଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଥିବା ଦୁଇ ଜଣଙ୍କର ଚିକିତ୍ସା ଜାରି ରହିଛି। ମୃତକଙ୍କ ପରିଚୟ ମିଳିନି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଏସୟୁଭିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

## ୧୮ରେ ଖୋଲିବ ସ୍କୁଲ୍

**ଭୁବନେଶ୍ୱର :** ଆସନ୍ତା ୧୮ ତାରିଖରେ ସାରା ରାଜ୍ୟରେ ଖୋଲିବ ସ୍କୁଲ । ସମସ୍ତ ଘରୋଇ ଓ ସରକାରୀ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଏନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ସ୍କୁଲ ଛୁଟି ଅବଧି ବଢ଼ିବ କି ନାହିଁ ସେନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଏହା ଉପରେ ସମ୍ପୂର୍ଣ୍ଣ ବିରାମ ଲଗାଇଛନ୍ତି। ମନ୍ତ୍ରୀ କହିଛନ୍ତି ଆସନ୍ତା ୧୮ ତାରିଖରେ ଖରା ଛୁଟିର ସମୟସୀମା ସରୁଛି। ତେଣୁ ନିର୍ଦ୍ଧାରିତ ସମୟରେ ହିଁ ସ୍କୁଲ ଗୁଡ଼ିକ ଖୋଲିବ। ତେବେ ଆଗକୁ ଯଦି ଅସହ୍ୟ ଗରମ ହୁଏ, ପରିସ୍ଥିତିକୁ ଦେଖି ପରବର୍ତ୍ତୀ ସମୟରେ ବିଚାର କରାଯିବ। ହେଲେ ବର୍ତ୍ତମାନ ସୁଦ୍ଧା ଛୁଟି ବଢ଼ାଇବା ନେଇ ସେମିତି କୌଣସି ଅଲଗା ନିଷ୍ପତ୍ତି ହୋଇନାହିଁ।

## ପାଟଣାଗଡ଼ରେ ଯୁବତୀଙ୍କୁ ଗଣଦୁଷ୍କର୍ମ

### ପ୍ରେମିକ ସହ ୪ ଗିରଫ

**ପାଟଣାଗଡ:** ପାଟଣାଗଡ଼ ଗ୍ରାମାଞ୍ଚଳରେ ଜୈନିକ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୁଲିସ ଯୁବତୀଙ୍କ ପ୍ରେମିକ ସହ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଣଦୁଷ୍କର୍ମ ହୋଇଥିବା ନେଇ ପୀଡ଼ିତା ଯୁବତୀ ଜଣ ପାଟଣାଗଡ଼ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ପୁଲିସ କହିଛି, ପୀଡ଼ିତା ଯୁବତୀ ନିଜ ପ୍ରେମିକକୁ ଭେଟିବାକୁ ରବିବାର ରାତିରେ ଆସିଥିଲେ। ଏହି ସମୟରେ ପ୍ରେମିକର ଅନ୍ୟ ୩ ଜଣ ସାଥି ସେଠାରୁ ଟେକି ନେଇ ଦୁଷ୍କର୍ମ କରିଥିଲେ। ପରେ ପୀଡ଼ିତା ଯୁବତୀ ନିଜର ପରିବାରଙ୍କୁ ସୂଚିତ କରିଥିଲେ। ପରେ ପୀଡ଼ିତା ଜଣକ ପାଟଣାଗଡ଼ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ପାଟଣାଗଡ଼ ପୁଲିସ ନଂ ୧୬୩/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତାଙ୍କ ପ୍ରେମିକ ଓ ତାର ୩ ଜଣ ସାଥି କୁ ଗିରଫ କରିଥିଲା। ପଚରାଉଚରାରେ ସେମାନେ ନିଜର ଦୋଷ ସ୍ୱୀକାର କରିଥିବା ଜଣାଯାଇଛି। ଗିରଫହୋଇ ଥିବା ଅଭିଯୁକ୍ତମାନେ ମହେଶ ଶବର, ବୈଚନ୍ଦ୍ର ବରିହା, ଉମାକାନ୍ତ ଡିଲା, ଅଜୟ ମିର୍ଦ୍ଧା। ସଭିଏଁ ପାଟଣାଗଡ଼ ଥାନା ପଣ୍ଡାମୁଣ୍ଡା ଗ୍ରାମର ବୋଲି ଜଣାପଡିଛି ।

## ୫୬ ତମ ଦିବସରେ ରଥ ନିର୍ମାଣ



**ପୁରୀ :** ଜୁଲାଇ ୧୬ ତାରିଖ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇପଡିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି । ଦ୍ରୁତ ଗତିରେ ଆଗେଇ ଚାଲିଛି ତିନିରଥ ନିର୍ମାଣ କାର୍ଯ୍ୟ । ସୋମବାର ରଥ ନିର୍ମାଣର ୫୬ ତମ ଦିବସରେ ରଥ ନିର୍ମାଣ କାରି ସେବକ ମାନେ ପୂର୍ବଦିନ ପରି ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରବିବାର ସୁଦ୍ଧା ତିନିରଥ ଉପର ଭାଗ ସମ୍ମୁଖ ଏବଂ ପଛ ପାର୍ଶ୍ୱରେ ତାଗ ବା ବଟନ୍ ବାଡ଼ିଆ କାର୍ଯ୍ୟ ଆରମ୍ଭ ହେବାସହ ତିନିରଥର ଏକନମ୍ବର ପୋଟଳ ନିର୍ମାଣ ପାଇଁ ପୋଟଳ ପଟା କଟିଙ୍ଗ,ସେଟିଂ କାର୍ଯ୍ୟ ଆରମ୍ଭ ହୋଇଥିଲା । ଆଜି ଅପରାହ୍ନରେ ମୁଖ୍ୟ ମହାରଣା ଉପସ୍ଥିତିରେ ସହଯୋଗୀ ମହାରଣା ଭୋଇ ସେବକ ମାନଙ୍କ ସହଯୋଗରେ ତିନି ରଥର ତୃତୀୟ ଭୂଇଁ ଉପରେ ସ୍ଥାପନ ହୋଇଛି । ଏକ ନମ୍ବର ବଡ଼ ଥଳ ପୋଟଳ । ତିନିରଥର ଏକ ନମ୍ବର ପୋଟଳ ସଂଯୋଗ ହେବା ପରେ, ତିନି ରଥ ଚାଳିରେ ବାକି ପୋଟଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଛି। ତିନି ରଥର ଏହି ପୋଟଳ ୧୩ ପରାସ୍ତ ବିଶିଷ୍ଟ, ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ। ଏହାର ଗଠନ ଶୈଳୀ ଶ୍ରୀମନ୍ଦିର ଶ୍ରୀର୍ଷ ଭାଗ ଅଂଶ ପରି ଦୃଶ୍ୟମାନ ହୋଇଥାଏ। ଏଥିସହ ଆଜି ତିନି ରଥର ଚାରି ନାହାକାକୁ ମଜବୁତ୍ କରିବା ପାଇଁ ଚାରି ନାହାକାର ଉଭୟ ପାର୍ଶ୍ୱରେ ମୂଳ କଇଞ୍ଚି ବାଡ଼ିଆ ହେଉଛି। ସେଥି ପାଇଁ ତିନି ରଥର ମହାରଣା ସେବକ ମାନେ ୨୦ ଫୁଟିଆ କାଠ ଫଳି କୁ ଚଉପଟ ଆରମ୍ଭ କରିଛନ୍ତି। ସେଥିରେ ମାପ ପ୍ରକାରେ କାପ ଖୋଦେଇ ସହ ସୋମବାର ରଥରେ କଇଞ୍ଚି କୁ କ୍ରସ୍ କରି ବାଡ଼ିଆ ଯାଇଛି । ଏଥିସହ ଆଜି ରଥ ଉପର ସିଂହାସନ ବେଦୀ ଉଭୟ ପାର୍ଶ୍ୱରେ ତାଗ୍ ବା ବଟନ୍ ବାଡ଼ିଆ କାର୍ଯ୍ୟ ଜାରୀ ରହିଛି। ରୂପକାର ସେବକ ମାନେ ତିନିରଥର ଦୁଆର ବେଢ଼ାରେ ଲାଗିବା ପାଇଁ ୪ ଟିଲେଖାଏଁ ନାଟଗୋଡ଼ ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ତିନିରଥର ୪ ଗୋଟି ଲେଖାଏଁ ନାଟ ଗୋଡ଼ ରେ କନ୍ଦର୍ପ ରୂପ ଖୋଦେଇ କାର୍ଯ୍ୟ ଏବଂ ତିନିରଥର ଗୋଟିଏ ଗୋଟିଏ ଚାର ପରିଛା ରେ ପଦ୍ମ ଫୁଲ , ମୟର ଏବଂ ଡାଳି ଲତା ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି। ଚିତ୍ରକାର ସେବକ ମାନେ ତିନି ରଥର ପାର୍ଶ୍ୱ ଦେବ ଦେବୀ , ନର୍ତ୍ତକୀ , ଶିଖର ଡମ୍ବରୁ , ଅଁଳା, ଏବଂ ଓଲଟ ଶୁଆ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ, ଆଜି ନନ୍ଦି ଘୋଷ ରଥର ବାହ୍ୟ ଅଂଶ ଗୁଡିକରେ ରଙ୍ଗ କାର୍ଯ୍ୟ ପୂର୍ବରୁ ଧଳା ପ୍ରାଇମର୍ ଦେବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥରେ କତରା ବାଡ଼ିଆ ଯିବା ପାଇଁ ୫୬ ଗୋଟି କତରା କଣ୍ଟା (ଅଗ ପତେଳୀ ଏବଂ ଚଉରସ କଣ୍ଟା) ଯୋଗାଇ ଦେଇ, ତିନି ରଥର ଦୁଆର ବେଢ଼ା ପାଇଁ ଗାରେଡ଼ି, ମଗର ଏବଂ ଚନ୍ଦ୍ର ଶାଳୀ ପାଇଁ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ରଥ ଯାତ୍ରା ନିମନ୍ତେ ସେବା ପୂଜା ପାଇଁ କାଠ ବାଉଁଶ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି।

## ଚାରି ନାହାକାରେ ମୂଳ କଇଞ୍ଚି ବାଡ଼ିଆ ଜାରି

### ସେବା ପୂଜା ପାଇଁ କାଠ ବାଉଁଶ ନିର୍ମିତ ସରଞ୍ଜାମ ହେଉଛି ନିର୍ମାଣ

### ରଥ ଉପର ସିଂହାସନ ବେଦୀ ଉଭୟ ପାର୍ଶ୍ୱରେ ଚାଲିଛି ବଟନ୍ ବାଡ଼ିଆ କାର୍ଯ୍ୟ

## ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

**କଳାହାଣ୍ଡି :** ଥୁଆମୂଳ ରାମପୁର ଥାନା କାନୀଗୁମା କଫି ନର୍ସରୀ ନିକଟସ୍ଥ ବାଙ୍କ ବୁଲାଣି ରାସ୍ତାରେ ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ଭବାନୀପାଟଣା ସଦର ଅଞ୍ଚଳ ଆମଯୋର୍ ଗ୍ରାମର ମୁନା ବାଗ୍ (୨୩), ପିତା- ବେଣୁ ବାଗ୍। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୦୮:୧୫ ସମୟରେ ମୁନା ନିଜ ଏଚ୍ ଏଫ୍ ଡିଲକ୍ସ ବାଇକ୍ (ଓଡି-୦୮-ଭି-୦୯୫୪) ଯୋଗେ ଭବାନୀପାଟଣାରୁ ସିନ୍ଧିପଦର ଅଭିମୁଖେ ଏକ କାର୍ଯ୍ୟରେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ହୋଣ୍ଡା ସାଇନ ବାଇକ୍ (ଓଡ଼ି-୦୮- ଏ-୪୮୦୯) ସହ ତାଙ୍କର ସାମ୍ନାସାମ୍ନି ଜୋରଦାର ଧକ୍କା ହୋଇଥିଲା।

ସମ୍ପାଦକୀୟ

## ପିଓକେରେ ମଧ୍ୟଯୁଗୀୟ ବର୍ବରତା

ପାକ୍ ଅଧିକୃତ କାଶ୍ମୀରରେ ପାକିସ୍ତାନୀ ସେନା ଏବଂ ସୁରକ୍ଷା ବାହିନୀର ମିଳିତ ଉଦ୍ୟମରେ ସେଭଳି କିଛି ଚମତ୍କାର ଘଟିନି ବରଂ ସେଭଳି କିଛି ବିକୃତ ତଥା ମାରାତ୍ମକ କାର୍ଯ୍ୟ କରାଯାଇଛି, ଯାହାକୁ ମାନବତା ପ୍ରତି ନିଷ୍ଠୁର ଆଘାତର ଚରମ ନିଦର୍ଶନ ବୋଲି କୁହାଯାଇପାରେ । ପାକିସ୍ତାନୀ ସେନା ଏବଂ ସେନାର ନିର୍ଦ୍ଦେଶରେ ପରିଚାଳିତ ପିଓକେରେ ଅବସ୍ଥାପିତ ସୁରକ୍ଷା ଅଧିକାରୀ, ଏମାନଙ୍କର ମିଳିତ ଅପରେସନ କୌଣସି ଅଯଥା ବିକ୍ଷୋଭ ଅବା ସରକାରୀ ବିରୋଧୀ ପ୍ରତିବାଦ ବିରୋଧରେ ନଥିଲା ବରଂ ଏମାନଙ୍କର ମିଳିତ ଅପରେସନ ଥିଲା ଗୋଟାଏ ଶବଯାତ୍ରା ଉପରେ ଥିଲା ଯେଉଁଥିରେ ଶାହଜେବ ହବିବ୍ ନାମକ ଜଣେ ପିଓକେ ବାସିନ୍ଦାଙ୍କୁ ହତ୍ୟା କରାଯାଥିଲା। ଦୁର୍ଭାଗ୍ୟବଶତଃ ହବିବ୍ ମିଆଁ ପିଓକେ ସରକାରଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା ଅବା ଅଧିକାରର ସୁରକ୍ଷା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୀମିତସଂଖ୍ୟକ କେତେକ ପ୍ରତିବାଦକାରୀଙ୍କ ମଧ୍ୟରେ ଦୁର୍ଭାଗ୍ୟବଶତଃ ତାଙ୍କୁ ହତ୍ୟା କରାଯାଇଥିଲା। ତେବେ ତା"ଠାରୁ ବଡ଼ ଦୁର୍ଭାଗ୍ୟ ହେଉଛି, ହବିବଙ୍କ ମୃତ୍ୟୁକୁ ନେଇ ବାହାରିଥିବା ଶବ ଶୋଭାଯାତ୍ରା ଉପରେ ପୁଣି ଗୁଳିଚାଳନା କରାଯାଇଥିଲା, ଯେଉଁଥିରେ ଏକାବେଳକେ ୨୭ଜଣଙ୍କ ମୃତ୍ୟୁ ହୋଇଯାଇଥିଲା, ଯାହାକି ମଧ୍ୟଯୁଗୀୟ ବର୍ବରତାକୁ ମଧ୍ୟ ବଳିଯାଇଥିଲା। ଆଉ ଏଭଳି ଚମତ୍କାର କରିଥିବା ଆଉ କେହି ନୁହଁନ୍ତି, ସେମାନେ ବି ସେହି ମଧ୍ୟଯୁଗୀୟ ବର୍ବରଙ୍କ ଭଳି ବଡ଼ ବର୍ବର । ସେମାନେ ହେଲେ ପାକିସ୍ତାନୀ ସେନା ଯେଉଁମାନେ ବର୍ବରତା ପ୍ରଦର୍ଶନ କରିବାରେ ଧୂରନ୍ଧର ଆଉ ଯାହା ପଛରେ ମାଷ୍ଟର ମାଇଁଣ୍ଡ ହେଉଛି ପାକ୍ ସରକାର ଯେ କି ପୃଥିବୀ ଇତିହାସର ଗୋଟାଏ ଅଯୋଗ୍ୟ ସରକାର ଯେ କି ପାକିସ୍ତାନୀ ଖୁଫିଆ ଏଜେନ୍ସି ଆଇ ଏସ୍ ଅଇ ଦ୍ୱାରା ପରିଚାଳିତ। କେବଳ ଏହି କାରଣରୁ ପାକିସ୍ତାନ ଆଜି ପଛରେ । କେବଳ ଏସିଆ ମହାଦେଶରେ ନୁହେଁ , ସାରା ବିଶ୍ୱରେ ଆଜି ବଦନାମ ପାକିସ୍ତାନ୍ । କେବଳ ତା'ର ଭାରତ ବିରୋଧୀ ଆଚରଣ ଏବଂ ଉଚ୍ଚାରଣ ପାଇଁ । ଭାରତ ତା'ର ସେହଭଳି ଏକମାତ୍ର ପଡ଼ୋଶୀ ଯେ କି କୌଣସି ବି ସମୟରେ ତା'ର ବିପଦ ଆପଦରେ ବନ୍ଧୁ ଭାବରେ ଛିଡ଼ା ହୋଇପାରେ। ହେଲେ ପାକିସ୍ତାନ୍ କିନ୍ତୁ ତା'ର ଓଲଟା। ଭାରତ ପ୍ରତି ପାକିସ୍ତାନ୍ ସେହିଭଳି ସମଭାବାପନ୍ନ ହେବା ପରିବର୍ତ୍ତେ ଭାରତର ଅନ୍ୟତମ ପଡ଼ୋଶୀ ଚାଇନା କଥାରେ ପଡ଼ି ଓଲଟା ତା'ର ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରଖିଛି। କଥାରେ କଥାରେ ଭାରତକୁ ପରମାଣୁ ଅସ୍ତ୍ର ଭୟ ଦେଖାଉଛି। ପୌରାଣିକ କାଳରେ ମହାଯୁଦ୍ଧ ସମୟରେ ଶେଷଅସ୍ତ୍ର ବ୍ରହ୍ମାସ୍ତ୍ର ପ୍ରୟୋଗ ଭଳି ବର୍ତ୍ତମାନ ସମୟରେ ପାକିସ୍ତାନର ପରମାଣୁ ଅସ୍ତ୍ର ମଧ୍ୟ କିଛି ସେହିଭଳି ଯାହାକି ସେ ଅତି ଯତ୍ନରେ, ଅତି ଗୁପ୍ତରେ ସାଇତି ରଖିଛି ସମ୍ଭବତଃ କେବଳ ଭାରତ ପାଇଁ ଯେହେତୁ ପାକିସ୍ତାନ୍‌ର ଭାବନାରେ ଭାରତ ତା'ର ବଡ଼ ଶତ୍ରୁ। ପାକିସ୍ତାନ୍‌ର ଏହି ନକାରାତ୍ମକ ଭାବନା ଉଭୟ ଦେଶର ସୁସମ୍ପର୍କ ସ୍ଥାପନରେ ସବୁଠାରୁ ବଡ଼ ବାଧକ ବୋଲି ଧରି ନିଆଯାଇପାରେ। ଉଭୟ ଦେଶର ସମ୍ପର୍କରେ ସୁଧାର ନେଇ ଭାରତ ଯଦିଓ ଚିନ୍ତିତ, ତେବେ ପାକିସ୍ତାନ୍‌ର ସେମିତି କିଛି ଚିନ୍ତା ନାହିଁ । କାରଣ ଚାଲ୍‌ବାଜ୍ ଚାଇନା ବଳରେ ଏବେ ବି ବଳୀୟାନ୍ ପାକିସ୍ତାନ ଏବଂ ସେହି ଚାଲ୍‌ବାଜ ଚାଇନାର ଇସାରାରେ ଏବେ ବି ପରିଚାଳିତ ପାକିସ୍ତାନ୍‌ର ଖୁଫିଆ ଏଜେନ୍ସି ଆଇଏସ୍‌ଆଇ ଯାହାର କେବେ କେବେ ପରୋକ୍ଷ ଅବା ପ୍ରତ୍ୟକ୍ଷ ଇସାରାରେ ଚାଲୁଛି ପାକିସ୍ତାନ୍। ଯାହାକି ପାକିସ୍ତାନ୍‌ର ଅତି ଅଦୂରଦର୍ଶିତାର ପରିଚୟ ଯାହାକି ସମୟ ସମୟରେ ବିପଦ ସୃଷ୍ଟି କରୁଛି ଭାରତ ପାଇଁ। ଆଜି ବି ପିଓକେରେ ଯେଭଳି ଭାବେ ନରସଂହାର ଚାଲିଛି ଅବା ପିଓକେରେ ସରକାର ବିରୋଧୀ ପ୍ରତୀବାଦକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯାଉଛି,ସେଥିରେ ମୁଖ୍ୟତଃ ପାକ୍ ସରକାରଙ୍କ ହାତ ରହୁଛି। ପାକିସ୍ତାନ୍ ନିୟନ୍ତ୍ରଣରୁ ଓହରି ନିଜକୁ ସ୍ୱାଧୀନ କରିବାକୁ ଆଶା ରଖୁଛି ପିଓକେ। ହେଲେ ସରକାରଙ୍କ ଦମନଲୀଳା ଆଗରେ ମୁଣ୍ଡ ନୁଆଁଇବାକୁ ବାଧ ହେଉଛି। ଜାତିସଙ୍ଘ ବି ନୀରବ ଯାହାକୁ ନେଇ ଭାରତର ପ୍ରତିବାଦ ଅନେକ ସମୟରେ ମୂଲ୍ୟହୀନ ସାବ୍ୟସ୍ତ ହେଉଛି। ଏଣୁ ସମୟ ଆସିଛି ଭାରତ ନିଜର ସାମରିକ ଶକ୍ତିକୁ ପୂର୍ବାପେକ୍ଷା ଆହୁରି ସମୃଦ୍ଧ କରି, ନିଜର ବିଚକ୍ଷଣ କୂଟନୈତିକ ଶକ୍ତିର ସଠିକ୍ ପ୍ରୟୋଗ କରି କଳେବଳେ କଉଶଳେ ପିଓକେକୁ ନିଜର ନିୟନ୍ତ୍ରଣ ଭିତରକୁ ଆଣିବା ଉଚିତ। ନଚେତ୍ ଆଗାମୀ ସମୟରେ ପିଓକେବାସୀ ଭାରତରେ ମିଶିବା ପାଇଁ ଯେଉଁ ବୃହତ୍ ଜନ ଆନ୍ଦୋଳନ କରିବେ ଏବଂ ଯାହାକୁ ଦମନ କରିବାପାଇଁ ପାକ୍ ସରକାର ଯେଉଁ ଦମନଳୀଳା କରିବେ , ଯାହାର ରକ୍ତଛିଟା ପିଓକେରୁ ଗଡ଼ିଆସି କାଶ୍ମୀରମାଟିକୁ ମଧ୍ୟ ସ୍ପର୍ଶ କରିବ।

## ବୃଦ୍ଧକାଉର ବୁଦ୍ଧି

ଥରେ ଗୋଟାଏ ପକ୍ଷୀଦଳ ସକାଳୁ ସକାଳୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ଲକ୍ଷ୍ୟ ତ ଥାଏ ତଥାପି ତାଙ୍କ ଯାତ୍ରା ସରୁ ନଥାଏ। ପକ୍ଷୀଦଳଙ୍କ ଯାତ୍ରା ବୋଧହୁଏ ଥିଲା ବହୁତ ଲମ୍ବା। ତେବେ ସେମାନେ କୁଆଡ଼େ ଯାଉଥାଆନ୍ତି କେଜାଣି ? ସମସ୍ତ ପକ୍ଷୀଙ୍କୁ ମଧ୍ୟ ତାହା ଜଣା ନଥାଏ। ବୋଧହୁଏ ଗୋଟାଏ ଲମ୍ବା ଯାତ୍ରା କିମ୍ବା ଗୋଟାଏ ବହୁତ ବଡ଼ ଯାତ୍ରାରେ ବାହାରିଥିଲେ ସେମାନେ। ହସ ଖୁସିରେ ଯାଉ ଯାଉ ବହୁ ଦୂରକୁ ଚାଲି ଯାଇଥିଲେ ସେମାନେ। ସମ୍ଭବତଃ ସେମାନଙ୍କ ଯାତ୍ରା ପଥରୁ ଓହରିଯାଇ କିଛି ଆଗକୁ ଚାଲିଯାଇଥିଲେ ସେମାନେ। ହୁଏତ ସେମାନଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଭିନ୍ନ ରାସ୍ତାରେ କିଛି ଆଗକୁ ଚାଲି ଯାଇଥିଲେ ସେମାନେ। ଯାହା ହେଉ.. ଉଡ଼ାଣ କିନ୍ତୁ ଜାରି ରହିଥିଲା ସେହି ପକ୍ଷୀ ଦଳର। ଖରାଦିନର କଥା। ଆକାଶରେ ଖରା ମୁଣ୍ଡ ଉପରକୁ ଉଠିଗଲାଣି। ଖରାଦିନର ଏତେ ଖରା ପରେ ବି ସେମାନଙ୍କ ଯାତ୍ରା ସରୁ ନଥାଏ। ହଠାତ୍ ସେମାନଙ୍କ ମଧ୍ୟରୁ ବୁଢ଼ା ପକ୍ଷୀଟିଏ ଆଉ ଉଡ଼ି ନପାରି ପୂରା ହାଲିଆ ହୋଇପଡ଼ିଲା। ତଳକୁ ଖସିବାର ଉଦ୍ୟମ ଆରମ୍ଭ କରିଦେଲା। ଅନ୍ୟମାନେ ବି ପ୍ରାୟ ସେହିଭଳି ସ୍ଥିତିକୁ ଆସିଗଲେଣି। ହେଲେ କ'ଣ କରିବେ । ଲକ୍ଷ୍ୟପଥ ଏବେ ବି ରହିଛି ଆହୁରି ଦୂରରେ । ତେବେ ସାଥୀମାନଙ୍କର ଥକ୍କାପଣକୁ ଲକ୍ଷ୍ୟରେ ରଖି ଦଳର ମୁଖିଆ ବି ଚିନ୍ତାରେ । କ'ଣ କରାଯିବ ? ଏବେ ସମସ୍ତେ ପ୍ରାୟ ହାଲିଆ। ଉଡ଼ି ଉଡ଼ି ଏତେ ବାଟ ଆସିଲା ପରେ ଯେ କେହି ବି ହାଲିଆ ହେବା ସ୍ୱାଭାବିକ। ଏବେ କ'ଣ କରିବେ କୁଆଡ଼େ ଯିବେ ? ଏହି ଚିନ୍ତାରେ ସମସ୍ତେ ପଡ଼ିଗଲେ। କିଛି ସମୟ ପାଇଁ କାଉଦଳ ଉଡ଼ା ବନ୍ଦକରି ନିକଟରେ ଥିବା ଗୋଟାଏ ବଡ ଗଛରେ ବସିଗଲେ। ସମସ୍ତେ ଗଛରେ କିଛି ସମୟ ପାଇଁ ବସିଗଲା ପରେ ପ୍ରଥମେ ସେମାନେ ତାଙ୍କର ଥକ୍କା ମେଣ୍ଟାଇଲେ। ପରେ ପୁଣି ସେହି ଦଳ ସେମାନଙ୍କ ଗନ୍ତବ୍ୟ ପଥରେ ଉଡ଼ିବା ପାଇଁ ସ୍ଥିର କଲେ। ତେବେ ସେହି ପକ୍ଷୀ ଦଳ ଭିତରେ ଦୁଇଟା ବୃଦ୍ଧ କାଉ ରହିଯାଇଥିଲେ। ସେମାନେ ଆଗକୁ ଆଉ ଉଡ଼ିବା ଅବସ୍ଥାରେ ନଥିଲେ। ପ୍ରଥମତଃ ସେମାନେ ବହୁତ ବାଟ ଉଡ଼ି ଉଡି ହାଲିଆ ହୋଇଯାଇଥିଲେ। ଦ୍ୱିତୀୟରେ ସେମାନଙ୍କୁ ଏତେ ଜୋର୍‌ରେ ଶୋଷ ଲାଗୁଥିଲା ଯେ ସେମାନେ ଆଉ ଟିକିଏ ବି ଉଡ଼ିବା ଅବସ୍ଥାରେ ନଥିଲେ। ବରିଷ୍ଠ ପକ୍ଷୀମାନଙ୍କର ଏପରି ସ୍ଥିତି ଦେଖି ବାକିମାନେ ପଡ଼ିଗଲେ ଚିନ୍ତାରେ। ଚିନ୍ତାର ବିଷୟ ଥିଲା ଯେ ନିଘଞ୍ଚଜଙ୍ଗଲରେ ପାଣି ବ୍ୟବସ୍ଥା। ତେବେ ହଠାତ ଅନତି ଦୁରରେ ଗୋଟାଏ କିଛି ପାତ୍ର ଥୁଆ ହୋଇଥିବାର ନଜର ପଡ଼ିଲା ପରେ ଗୋଟାଏ କାଉ ସେଠାକୁ ଯାଇ ଦେଖେ ତ ସେଥିରେ କିଛି ପାଣି ଥିଲା। ହେଲେ ପାଣି ତଳେ ଥିବା ଦେଖି ବୁଦ୍ଧି ଗୁଡୁମ। ପରେ ବୃଦ୍ଧ କାଉର ବୁଦ୍ଧି ନେଇ ଆର କାଉଟି ସେଥିରେ କିଛି ଛୋଟ ପଥରଖଣ୍ଡ ପକାଇଦେବା ପରେ ଭିତର ପାଣି ଉପରକୁ ଆସିବା ପରେ ତୃଷାର୍ତ୍ତ କାଉ ପାଣି ପିଇ ସେମାନଙ୍କ ତୃଷା ମେଣ୍ଟାଇଲେ। ବେଳେ ବେଳେ ବୁଦ୍ଧିବଳରେ କେତେକ କଷ୍ଟକର କାର୍ଯ୍ୟ ବି ସହଜ ହୋଇଯାଇଥାଏ। ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ।

# ମହା ପ୍ରଳୟର ଚେତାବନୀ



ମୌଲାନା ଫଜଲ ହକ ଖାନ୍



ଆଜିର ଦିନରେ ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ। ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର, ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି। ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି। ପ୍ରାକୃତିକ ବିପ୍ରାପ୍ତ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ୍ୟ ଅବନତୀ ଘଟିଛି। କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି। ଏପରିକି ଏଡ୍ସ, ସ୍ୱାଇନ୍‌ଫ୍ଲୁ, ଇବୋଲା ଏବଂ କରୋନା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଏବେ ପୁଣି ସମସ୍ତଙ୍କୁ ଭୟ ଘାରୁଛି କି ତୃତୀୟ ମହାବିଶ୍ୱଯୁଦ୍ଧ ହୋଇତ ଯିବ ନି ? ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିକୁ ଚିନ୍ତାରେ ପକାଇଛି। ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି।

ଏ ସବୁ କ'ଣ ? ଏବଂ କାହିଁକି ଏପରି ବିପ୍ରାପ୍ତ ? କ'ଣ ଏହା ମଧ୍ୟରେ ରହସ୍ୟ ରହିଛି ? ମନକୁ ଏ କଥା ଆନ୍ଦୋଳିତ କରୁଛି । ଅହମଦୀୟା ମୁସଲିମ ଧର୍ମବିଶ୍ୱାସ ଅନୁଯାୟୀ ଅନ୍ତିମ ଯୁଗର ପ୍ରବର୍ତ୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ ବିଶ୍ୱ ସମାଜକୁ ମହା ପ୍ରଳୟର ଚେତାବନୀ ଦେଇ ତାଙ୍କ ପୁସ୍ତକ "ହକିକତୁଲ ଓହି,ପୃଷ୍ଠା-୨୬୯ରେ"କୁହନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତିରେ ନାହୁଁ। ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି। ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତ୍ତି କଲେ ନାହିଁ । ବର୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ। ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତନ ମଧ୍ୟ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ସ ମହାମାରୀର ଭୟାବହତା ଦେଖିପାରିବ। କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି। ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ ।

ହଜରତ ଅହମଦ କୁହନ୍ତି; ଅଲ୍ଲାହଙ୍କ ତରଫରୁ ଏକ ମହାନ୍ ଭବିଷ୍ୟତବାଣୀ ପ୍ରାପ୍ତ ହୋଇଛି ଯେ ଈଶ୍ୱର ମୋ ଘରର ଚଉହଦୀ ଭିତରେ ଥିବା ସତ୍ୟନିଷ୍ଠ ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ସମ୍ମୁଖରେ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ ଅହଙ୍କାର ପ୍ରଦର୍ଶନ କରୁନାହାନ୍ତି, ସେ ସେମାନଙ୍କୁ ପ୍ଲେଗର ବିପତିରୁ ମୁକ୍ତି ପ୍ରଦାନ କରିବେ। ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଏହି ସମ୍ପ୍ରଦାୟ ପ୍ରତି ତାଙ୍କର ବିଶେଷ କୃପା ରହିବ।

ଈଶ୍ୱରଙ୍କ ଏକଥା ଯେ 'ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍‌ଦାର୍' ଅର୍ଥାତ୍ 'ଯେଉଁମାନେ ମୋ ଘର ଭିତରେ ଅଛନ୍ତି, ସେମାନେ ସୁରକ୍ଷିତ ରହିବେ । ପ୍ରତ୍ୟେକ ବ୍ୟକ୍ତି ଯିଏ ମୋ ଶିକ୍ଷା ଓ ଆଦର୍ଶକୁ ସମ୍ପୂର୍ଣ୍ଣ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧାତ୍ମିକ ଘରେ ପ୍ରବେଶ କରିଛନ୍ତି। ଏହାକୁ ଅନୁସରଣ କରିବା ପାଇଁ ଏ କଥାର ସର୍ତ ମଧ୍ୟ ରହିଛି ଯେ ସେମାନେ ମନରେ ଏହି ବିଶ୍ୱାସ ପୋଷଣ କରନ୍ତି ଯେ ସେମାନଙ୍କର ଜଣେ ସର୍ବଶକ୍ତିଶାମାନ, ଚୀରସ୍ଥାୟୀ ଓ ବିଶ୍ୱ ବ୍ୟାପକ ସ୍ରଷ୍ଟା ଈଶ୍ୱର ଅଛନ୍ତି, ଯିଏ ତାଙ୍କ ବିଶେଷ ଅନୁପମ ଗୁଣରେ ଅନାଦି, ସର୍ବକାଳୀନ ଓ ସ୍ୱୟଂ ପ୍ରତିଷ୍ଠିତ।

ଏ ସଂବନ୍ଧରେ ପବିତ୍ର କୋରାନ କୁହେ; "ଓ୍ୱମା କୁନ୍ନା ମୁଅ'ଜ୍ଜିବିନା ହତ୍‌ତା ନବ୍‌ଅସା ରସୁଲା"(ପବିତ୍ର କୋରାନ,ବନି ଇସ୍ରାଇଲ:୧୬)ଅର୍ଥାତ୍ ଆମ୍ଭେ(କୌଣସି ସମ୍ପ୍ରଦାୟ ପ୍ରତି) ଜଣେ ରସୁଲ(ଅବତାର)ପ୍ରେରଣ ନକରିବା ପର୍ଯ୍ୟନ୍ତ କୌଣସି ଶାସ୍ତି ପ୍ରଦାନ କରୁନାହୁଁ । କ'ଣ ଏ ବିପ୍ରାପ୍ତ ରୂପି ଶାସ୍ତି ଘୋଷଣା କରୁଛି କି କେହି ଜଣେ ଅବତାର ଆସି ଯାଇଛନ୍ତି କି ? କ'ଣ ଆମେ ସ୍ରଷ୍ଟାଙ୍କ ସେହି ବାଣୀକୁ ବୁଝିପାରିଲେ ନାହିଁ କି ? ନିଜ ସ୍ରଷ୍ଟାଙ୍କୁ ଚିହ୍ନିବାରେ କୌଣସି ଅବହେଳା ହୋଇଗଲା ତ ନାହିଁ ? କ'ଣ ଏ ବିପ୍ରାପ୍ତ ଆମର ଅମାନିଆ ଯୋଗୁଁ ତ ନୁହେଁ ? ଏ ଯୁଗରେ ଭିନ୍ନ ଭିନ୍ନ ନାମରେ ଯେଉଁ ସବୁ ବିପ୍ରାପ୍ତ ଦେଖା ଯାଉଛି, କ'ଣ ସେ ଈଶ୍ୱରଙ୍କର ପ୍ରକୋପ କି ? ଯଦି ଏହା ସତ୍ୟ ତେବେ ଅହମଦୀୟା ମୁସଲିମ ସଂଗଠନର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଉପରୋକ୍ତ ଲେଖା କ'ଣ ସଂପୂର୍ଣ୍ଣ ଠିକ କି ? ଯଦି ଠିକ ତେବେ ଆମେ ଏ ଘଡ଼ିସନ୍ଧି ମୁହୂର୍ତରୁ ତ୍ରାହି ପାଇବା କିପରି ? ଏହାର ଉତରରେ ସେ କହିଛନ୍ତି; "ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ୍ୟ ତୁମର ହୋଇଯିବେ। ତୁମେ ଶୋଇ ରହିଥିବ, ଅଲ୍ଲାହ ତୁମ ପାଇଁ ଜାଗ୍ରତ ରହିବେ। ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ। ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କେଉଁ କେଉଁ ଶକ୍ତି ରହିଛି। ଯଦି ତୁମେ ଜାଣନ୍ତ, ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇଯାଆନ୍ତ।" ଯେଉଁ ଲୋକମାନେ ଅନୁତାପ କରିବେ ଓ ପାପ ଆଚରଣରୁ ନିବୃତ ରହିବେ, ଅଲ୍ଲାହ ସେମାନଙ୍କ ପ୍ରତି ସଦୟ ହେବେ ।... ସଦାଚାରୀମାନେ କ୍ଷତିଗ୍ରସ୍ତ ନହୋଇ ଶାନ୍ତିରେ ରହିବେ । ତେଣୁ ତୁମେମାନେ ସଦାଚାରୀ ହୁଅ ଓ ଅଲ୍ଲାହଙ୍କୁ ଭୟ କର । ତଦ୍ଦ୍ୱାରା ତୁମେମାନେ ପରିତ୍ରାଣ ପାଇବ । ଆଜି ଠାରୁ ହିଁ ପ୍ରଭୁଙ୍କୁ ଭୟ କର, ତା' ହେଲେ ସେଦିନର ଭୟାବହ ପରିଣାମରୁ ସୁରକ୍ଷିତ ରହିବ ଓ ଶାନ୍ତିରେ ଜୀବନ ଯାପନ କରିବ ।

ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ମନ୍ତ୍ରକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାହଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ପ୍ରୟାସ କରନ୍ତୁ । ଏହା ହିଁ ଆମର କାମନା ।

ମଙ୍ଗଳାବାଗ-
କଟକ
୯୬୯୨୨୨୫୦୫୭

# ଫାଇଲ୍ ନିଖୋଜ ବିବାଦ

ସୌଭାଗ୍ୟ ରଂଜନ ମହାନ୍ତି

ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟି ସରକାର ନିଜ ଶାସନ କାଳର ସଫଳ ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ରାଜ୍ୟର ରାଜନୈତିକ ଆକାଶ ଏବେ ଏକ ଅଭାବନୀୟ ବିବାଦ ଓ ଘନଘୋର ଆନ୍ଦୋଳନର ମେଘମାଳା ଦ୍ୱାରା ଆଚ୍ଛାଦିତ ହୋଇପଡିଛି ଏବଂ ସଚିବାଳୟ ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ନଥିପତ୍ର ତଥା ତଦନ୍ତ କମିଶନଙ୍କ ରିପୋର୍ଟ ନିଖୋଜ ହେବା ଘଟଣାକୁ କେନ୍ଦ୍ର କରି ଥାନାରେ ଏତଲା ଦାୟର ହେବା ପରେ ସମଗ୍ର ରାଜ୍ୟରେ ଯେଉଁ ରାଜନୈତିକ କମ୍ପନ ସୃଷ୍ଟି ହୋଇଛି ତାହା ପ୍ରଶାସନିକ ସ୍ୱଚ୍ଛତା ଓ ଗଣତାନ୍ତ୍ରୀକ ମୂଲ୍ୟବୋଧ ଉପରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣତଃ ଯେକୌଣସି ସରକାରର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଉନ୍ନୟନମୂଳକ କାର୍ଯ୍ୟର ସଫଳତା, ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତି ଏବଂ ଭବିଷ୍ୟତର ରୋଡମ୍ୟାପ୍‌କୁ ନେଇ ଆଲୋଚନା ଓ ଉତ୍ସବର ମାହୋଲ ରହିବା କଥା କିନ୍ତୁ ଓଡିଶାର ବର୍ତମାନର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଓ ଅଧିକ ଜଟିଳ ମନେହେଉଛି ଯେଉଁଠି ସରକାରଙ୍କ ସଫଳତା ଉପରେ ଶାସନର ଗୋପନୀୟତା, ସୁରକ୍ଷା ଏବଂ ପୂର୍ବତନ ତଥା ବର୍ତମାନର ଶାସକ ଗୋଷ୍ଠୀ ମଧ୍ୟରେ ଚାଲିଥିବା କାଦୁଅ ଚପଟାଚପଟି ଅଧିକ ପ୍ରାଧାନ୍ୟ ବିସ୍ତାର କରିଛି। ଗଣତନ୍ତ୍ରରେ ଲୋକଙ୍କ ବିଶ୍ୱାସ ଜିତି ଦୀର୍ଘ ଚବିଶ ବର୍ଷର ବିଜେଡି ଶାସନର ଅନ୍ତ ଘଟାଇବା ପରେ ବିଜେପି ସରକାର ଯେତେବେଳେ କ୍ଷମତାକୁ ଆସିଥିଲା, ସେତେବେଳେ ଓଡିଶାବାସୀଙ୍କର ମନରେ ଏକ ବଡ ପରିବର୍ତନ ଓ ସୁଶାସନର ଆଶା ଥିଲା, ମାତ୍ର ବର୍ତମାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ବା ସିଏମଓରୁ ଦୁଇ ଦୁଇଟି ଅତି ସମ୍ବେଦନଶୀଳ ନ୍ୟାୟିକ ତଦନ୍ତ କମିଶନଙ୍କ ରିପୋର୍ଟ ଗାୟବ ହୋଇଯିବା ଏବଂ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଏଥିପାଇଁ ବିଧିବଦ୍ଧ ଭାବେ ଅପରାଧିକ ମାମଲା ରୁଜୁ ହେବା ସରକାରୀ କାର୍ଯ୍ୟଶୈଳୀର ଦୁର୍ବଳତାକୁ ସର୍ବସାଧାରଣରେ ଉନ୍ମୁକ୍ତ କରିଦେଇଛି। ନିଖୋଜ ହୋଇଥିବା ଫାଇଲଗୁଡିକ ମଧ୍ୟରେ କନ୍ଧମାଳ ସାମ୍ପ୍ରଦାୟିକ ହିଂସାକାଣ୍ଡ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ଗଠିତ ଜଷ୍ଟିସ ଏ.ଏସ.ନାଇଡୁ କମିଶନଙ୍କ ରିପୋର୍ଟ ଏବଂ ୨୦୧୬ ମସିହାରେ ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଯେଉଁଥିରେ ବାଇଶି ଜଣ ନିରୀହ ରୋଗୀ ପ୍ରାଣ ହରାଇଥିଲେ, ତାହାର ଆରଡିସି ସ୍ତରୀୟ ତଦନ୍ତ ରିପୋର୍ଟ ସାମିଲ ରହିଛି, ଯାହା କେବଳ କାଗଜପତ୍ରର ବିଷୟ ନୁହେଁ ବରଂ ଓଡିଶାର ଇତିହାସ, ସାମାଜିକ ସନ୍ତୁଳନ ଏବଂ ବହୁ ନିରୀହ ଲୋକଙ୍କ ଜୀବନ ଓ ନ୍ୟାୟା ସହିତ ଜଡିତ ସବୁଠାରୁ ବଢ ସମ୍ବେଦନଶୀଳ ଦଲିଲ। ଏହି ଫାଇଲଗୁଡିକ କେମିତି, କେଉଁ ପରିସ୍ଥିତିରେ ଏବଂ କାହା ସ୍ୱାର୍ଥ ରକ୍ଷା ପାଇଁ ଗାୟବ ହେଲେ କିମ୍ବା ସେଗୁଡିକୁ ସୁଚିନ୍ତିତ ଭାବେ ନଷ୍ଟ କରିଦିଆଗଲା, ତାହାକୁ ନେଇ ବର୍ତମାନ ରାଜ୍ୟ ରାଜନୀତିରେ ଯେଉଁ ଝଡ ସୃଷ୍ଟି ହୋଇଛି, ତାହା ଶାସକ ବିଜେପି ଏବଂ ବିରୋଧୀ ବିଜେଡି ମଧ୍ୟରେ ଏକ ଭୟଙ୍କର ଯୁଦ୍ଧର ରୂପ ନେଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରଥମେ ଏହି ଅଭିଯୋଗ ଆଣିବା ପରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାର ନିରପେକ୍ଷ ତଦନ୍ତ ପ୍ରତିଶ୍ରୁତି ଦେବା ପରେ ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କ ଦ୍ୱାରା ଦାୟର ହୋଇଥିବା ଏତଲା ଆଧାରରେ ପୋଲିସ ଚୋରି, ବିଶ୍ୱାଘାତକତା, ପ୍ରମାଣ ନଷ୍ଟ ଏବଂ ଅପରାଧିକ ଷଡଯନ୍ତ୍ର ଭଳି ଗୁରୁତର ଦଫାରେ ମାମଲା ରୁଜୁ କରି ତଦନ୍ତ କରୁଛି, କିନ୍ତୁ ପ୍ରଶ୍ନ ଉଠୁଛି ଯେ ଏବେ ବଡ କଡା ସୁରକ୍ଷା ବଳୟ ମଧ୍ୟରେ ଥିବା ଲୋକସେବା ଭବନ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦଲିଲ ଉଭାନ ହୋଇଯିବା କେବଳ କିଛି କର୍ମଚାରୀଙ୍କ ଅବହେଳା ନା ଏହା ପଛରେ କୌଣସି ପ୍ରଭାବଶାଳୀ ଗୋଷ୍ଠୀର ଗଭୀର ଚକ୍ରାନ୍ତ ଲୁଚି ରହିଛି। ବିଜେପି ଏହି ସମଗ୍ର ଘଟଣା ପାଇଁ ପୂର୍ବତନ ନବୀନ ପଟ୍ଟନାୟକ ସରକାରଙ୍କୁ ସେମାନଙ୍କ ଅପାରଗତା ଓ ଦୋଷ ଲୁଚାଇବା ପାଇଁ ଫାଇଲ ନଷ୍ଟ କରିବାର ଅଭିଯୋଗ କରୁଥିବା ବେଳେ ବଜେଡି ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ପ୍ରତିଆକ୍ରମଣ କରିଛି ଏବଂ ସେମାନଙ୍କ କହିବା କଥା ହେଉଛି ଯେ ଯଦି ୨୦୨୪ ମସିହା ଜୁନ୍ ୪ତାରିଖ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ଅନ୍ୟ ସମସ୍ତ ଫାଇଲ ଗୃହ ବିଭାଗକୁ ଫେରସ୍ତ ଆସିଥିଲା, ତେବେ ବର୍ତମାନର ସରକାର ଗତ ଦୁଇ ବର୍ଷ ଧରି କେଉଁ କାରଣରୁ ନୀରବ ରହିଥିଲେ ଏବଂ ଏବେ ଦୁଇ ବର୍ଷ ପୂରଣ ହେବା ସମୟରେ ନିଜର ଦୁର୍ବଳତା ଲୁଚାଇବା ପାଇଁ ଏଭଳି ପ୍ରସଙ୍ଗ ଉଠାଉ ନାହାନ୍ତି ତ। ବିରୋଧୀ ଦଳ ଏହି ମାମଲାରେ ସ୍ୱଚ୍ଛତା ଦାବି କରି ଫାଇଲ ଗତିବିଧି ପଞ୍ଜିକା ତଥା ସେହି ସମୟର ସିସିଟିଭି ଫୁଟେଜ୍ ସର୍ବସାରଣରେ ପ୍ରକାଶ କରିବାକୁ ଆହ୍ୱାନ ଦେଇଛନ୍ତି, ଯାହା ଏହି ବିବାଦକୁ ଅଧିକ ରୋଚକ ଓ ରହସ୍ୟମୟ କରିଦେଇଛି । ସରକାରୀ ବ୍ୟବସ୍ଥାରେ ପ୍ରତ୍ୟେକ ଫାଇଲର ଗତିବିଧି ପାଇଁ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ରହିଥାଏ. ଯେଉଁଠି ସେକ୍ସନ ଅଫିସରଙ୍କ ଠାରୁ ଆରମ୍ଭ କରି ସଚିବ, ମୁଖ୍ୟ ସଚିବ, ବିଭାଗୀୟ ମନ୍ତ୍ରୀ ଏବଂ ଶେଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରତିଟି ପଦକ୍ଷେପ ଲିପିବଦ୍ଧ ହୋଇ ରହେ, ତେଣୁ ଏହି ଦୁଇଟି ମହତ୍ୱପୂର୍ଣ୍ଣ ରିପୋର୍ଟ କେଉଁ ସ୍ତରରେ ଅଟକି ରହିଲା କିମ୍ବା କେଉଁଠାରୁ ନିଖୋଜ ହେଲା ତାହା ଜାଣିବା ପ୍ରଶାସନ ପାଇଁ ଆଦୌ ଅସମ୍ଭବ ନୁହେଁ, ମାତ୍ର ଏହାକୁ ନେଇ ଯେଉଁ ରାଜନୈତିକ କାଦୁଅ ଫିଙ୍ଗାଫିଙ୍ଗି ଚାଲିଛି ତାହା ପ୍ରକୃତ ସତ୍ୟକୁ ଆଡେଇ ଦେଇ କେବଳ ନିର୍ବାଚନୀ ଫାଇଦା ହାସଲ କରିବାର ମାଧ୍ୟମ ପାଲଟିଛି। ଏହି ଦୁଇ ବର୍ଷର ଶାସନ କାଳ ମଧ୍ୟରେ ମୋହନ ମାଝୀ ସରକାର କେତେକ ବୃହତ ପ୍ରତିଶ୍ରୁତି ପୂରଣ କରିବାରେ ସଫଳ ହୋଇଛନ୍ତି ଯେପରିକି ପୁରୀ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା, ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ଏବଂ ସାମାଜିକ ସୁରକ୍ଷା ଭିତି ବୃଦ୍ଧି କରିବା, ଯାହା ଭୋଟରଙ୍କ ମଧ୍ୟରେ ସରକାରଙ୍କ ପ୍ରତି ଆସ୍ଥା ସୃଷ୍ଟି କରିଥିଲା, କିନ୍ତୁ ସମୟ ଅତିକ୍ରମ କରିବା ସହିତ ଶାସନ ପ୍ରକ୍ରିୟା ଅଧିକ ଜଟଳ ହୋଇପଡିଛି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିର ଅବନତି, ବିଭିନ୍ନ ସ୍ଥାନରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଏବଂ ପ୍ରଶାସନିକ ସ୍ତରରେ ଦୁର୍ନୀତି ତଥା ବାଲି ଖାଦାନ ଖନନକୁ କେନ୍ଦ୍ର କରି ସ୍ଥାନୀୟ ବିଜେପି ନେତାଙ୍କ ବିରୋଧରେ ଆସୁଥିବା ଅଭିଯୋଗ ସରକାରଙ୍କ କ୍ଲିନ୍ ଇମେଜ୍ ବା ସ୍ୱଚ୍ଛ ଭାବମୂର୍ତିକୁ ଧୂଳିସାତ କରୁଛି। ରାଜ୍ୟର ଅନେକ ଅଂଚଳରେ, ବିଶେଷ କରି ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ନିଯୁକ୍ତି ସୁଯୋଗର ଅଭାବ ଯୋଗୁଁ ପ୍ରବାସୀ ଶ୍ରମିକ ସମସ୍ୟା ପୂର୍ବ ଭଳି ରହିଛି ଏବଂ କୃଷି କ୍ଷେତ୍ରରେ ଉତ୍ପାଦକ ବଢିଥିଲେ ମଧ୍ୟ ଚାଷୀମାନେ ଉଚିତ ମୂଲ୍ୟ, ଶୀତଳ ଭଣ୍ଡାରର ଅଭାବ ଓ ବଜାର ସଂଯୋଗୀକରଣ ସମସ୍ୟାର ସାମ୍ନା କରୁଛନ୍ତି, ଯାହା ସରକାରଙ୍କ ଆର୍ଥିକ ନୀତିର ବିଫଳତାକୁ ଦର୍ଶାଉଛି। ଏପରି ପରିପ୍ରେକ୍ଷୀରେ, ଫାଇଲ ନିଖୋଜ ପ୍ରସଙ୍ଗକୁ ଏକ ବଡ ହତିଆର ଭାବେ ବ୍ୟବହାର କରି ଶାସକ ଦଳ ପୂର୍ବ ସରକାରଙ୍କ ଭ୍ରଷ୍ଟାଚାର ଓ କାରନାମାକୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରୁଥିବାବେଳେ ଲୋକେ ଏହାକୁ ବିଜେପିର ଏକ ପ୍ରକାର ଆତ୍ମରକ୍ଷାମୂଳକ କୌଶଳ ବୋଲି ମଧ୍ୟ ବିଚାର କରୁଛନ୍ତି। ଗଣତନ୍ତ୍ରରେ ଜନସାଧାରଣ ସବୁଠାରୁ ବଡ ବିଚାରପତି ଏବଂ ସେମାନେ ପ୍ରଶାସନରୁ କେବଳ ପ୍ରତିଶ୍ରୁତି ବା ବାଦ-ବିବାଦ ଚାହାଁନ୍ତି ନାହିଁ ବରଂ ପ୍ରତ୍ୟକ୍ଷ ଫଳାଫଳ ଓ ସ୍ୱଚ୍ଛତା ଚାହାଁନ୍ତି, ତେଣୁ ଏହି ମମାଲାରେ ଯଦି ପୋଲିସ ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀକୁ ସାମ୍ନାକୁ ନଆଣେ ଏବଂ କେବଳ ରାଜନୈତିକ ବୟାନବାଜି ଭିତରେ ଏହା ସୀମିତ ରହେ, ତେବେ ତାହା ଗଣତାନ୍ତ୍ରୀକ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ହେବ। ମୋହନ ମାଝୀ ସରକାର ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀକ ଓଡିଶା ଗସ୍ତ ଏଂବ ଦୁଇ ବର୍ଷର ପୂର୍ତି ଉତ୍ସବ ପାଇଁ ଯେତେ ବଡ ରୋଡମ୍ୟାପ୍ ପ୍ରସ୍ତୁତ କଲେ ମଧ୍ୟ ସଚିବାଳୟରୁ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଚୋରି ହେବା ଭଳି ଏକ ସଙ୍ଗୀନ ଆରୋପ ସରକାରଙ୍କ ପ୍ରଶାସନିକ ଦକ୍ଷତା ଉପରେ ସବୁଦିନ ପାଇଁ ଏକ ଦାଗ ହୋଇ ରହିଯିବ। ପୂର୍ବତନ ଆଇନ ମନ୍ତ୍ରୀ ଅରୁଣ ସାହୁ ଏବଂ ବିଜେଡିର ବରିଷ୍ଠ ନେତାମାନେ ଯେଉଁଭଳି ଭାବେ ସରକାରଙ୍କୁ ଘେରିଛନ୍ତି ଏବଂ ଫାଇଲ୍ ନିଖୋଜର ପ୍ରକୃତ କ୍ରୋନୋଲୋଜି ବା ସମୟାନୁକ୍ରମିକ ବିବରଣୀ ମାଗିଛନ୍ତି, ତାହା ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ କରିଛି। ଏହି ବିବାଦ ଏବେ କେବଳ ଓଡିଶାର ରାଜନୈତିକ ଗଳିରେ ସୀମିତ ନାହିଁ, ବରଂ ଏହା ସାଧାରଣ ନାଗରିକଙ୍କ ମଧ୍ୟରେ ସରକାରୀ ବ୍ୟବସ୍ଥା ପ୍ରତି ଥିବା ବିଶ୍ୱାସକୁ ଆନ୍ଦୋଳିତ କରିଛି, କାରଣ ଯେଉଁଠି ଦେଶର ବଡ ବଡ ଦୁର୍ଘଟଣା ଓ ହିଂସାକାଣ୍ଡର ନ୍ୟାୟିକ ତଦନ୍ତ ରିପୋର୍ଟ ସୁରକ୍ଷିତ ନୁହେଁ, ସେଠାରେ ଜନସାଧାରଣ ଗରିବ ମଣିଷର ଅଭିଯୋଗ ବା ନ୍ୟାୟର ଆଶା କେତେଦୂର ପ୍ରାସଙ୍ଗିକ ତାହା ଚିନ୍ତାର ବିଷୟ। ଶାସନର ଦୁଇ ବର୍ଷ ପୂରଣ ହେଉଥିବାବେଳେ ମୋହନ ମାଝୀଙ୍କ ସମ୍ମୁଖରେ ବଡ ଆହ୍ୱାନ ହେଉଛି ନିଜ ସରକାରର ସ୍ଥିରତା ଓ ନିରପେକ୍ଷତା ପ୍ରମାଣିତ କରିବା ଏବଂ ଏହି ଫାଇଲ ଚୋରି ମାମଲାରେ ସତ୍ୟକୁ ଲୋକଙ୍କ ସାମ୍ନାକୁ ଆଣି ନିଜର ଦୃଢ ଇଚ୍ଛାଶକ୍ତିର ପରିଚୟ ଦେବା, ନଚେତ୍ ବିରୋଧୀ ଦଳଗୁଡିକ ଏହି ପ୍ରସଙ୍ଗକୁ ନେଇ ଆଗାମୀ ଦିନରେ ଆହୁରି ବଡ ଆନ୍ଦୋଳନ ସୃଷ୍ଟି କରିବେ ଯାହା ବିଜେପିର ଓଡିଶାରେ ଦୀର୍ଘକାଳୀନ ଶାସନ କରିବାର ସ୍ୱପ୍ନକୁ ବାଧାପ୍ରାପ୍ତ କରିପାରେ। ସମଗ୍ର ଘଟଣାକୁ ଅନୁଧ୍ୟାନ କଲେ ଜଣାପଡେ ଯେ ଓଡିଶା ରାଜନୀତି ଏବେ ଏକ ସନ୍ଧିକ୍ଷଣରେ ପହଂଚିଛି, ଯେଉଁଠି ବିକାଶର ନାରା ଅପେକ୍ଷା ଅପରାଧିକ ମାମଲା ଏବଂ ପ୍ରଶାସନିକ ବିଫଳତାର ଚର୍ଚ୍ଚା ଜୋର ଧରିଛି ଏବଂ ଆଗାମୀ ଦୁଇ ବର୍ଷର ଶାସନ କାଳ ହିଁ ସ୍ପଷ୍ଟ କରିବ ଯେ ମୋହନ ମାଝୀ ସରକାର ଓଡିଶାରେ ଏକ ସ୍ଥାୟୀ ଓ ସ୍ୱଚ୍ଛ ବିକଳ୍ପ ଭାବେ ଉଭା ହେଉଛନ୍ତି ନା କେବଳ ବିବାଦ ଘେରରେ ରହି ନିଜର ସମୟ ଅତିବାହିତ କରୁଛନ୍ତି ତେଣୁ ଏହି ରକ୍ସ ବା ହଟଚମଟ ସମୟରେ ସରକାରଙ୍କୁ ଅତ୍ୟନ୍ତ ସତର୍କତା ଓ ପରିପକ୍ୱତାର ସହ କାର୍ଯ୍ୟ କରିବାକୁ ହେବ ଯାହାଦ୍ୱାରା ଜନମାନସରେ ଗଣତନ୍ତ୍ର ଓ ଆଇନର ଶାସନ ପ୍ରତି ଆସ୍ଥା ଅକ୍ଷୁର୍ଣ୍ଣ ରହିପାରିବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
୯୪୩୭୯୯୪୩୭୯

# ଅତ୍ୟଧିକ ଉତ୍ତାପରୁ ଶ୍ରମିକଙ୍କୁ ରକ୍ଷା କରିବା ପାଇଁ ଦାବି




**ଭୁବନେଶ୍ୱର,୧୫।୬ :** କ୍ରମବର୍ଦ୍ଧିଷ୍ଣୁ ପୃଥିବୀର ଉତାପ ବୃଦ୍ଧି ହ୍ରାସ କରିବା ପାଇଁ ଜାତିସଂଘର ୨୦୩୦ ପାଇଁ ଧାର୍ଯ୍ୟ ଲକ୍ଷ ଏସ୍‌ଡିଜି ୧୩-୧୪-୧୫ କୁ ସବୁ ଦେଶ କାର୍ଯ୍ୟକାରୀ କରିବା, ଜଳବାୟୁ ପରିବର୍ତନ ଓ ଉତାପକୁ କମାଇବା ପାଇଁ କାର୍ବନ ହ୍ରାସ କରିବା ଏବଂ ଅତ୍ୟଧିକ ଉତାପ ବୃଦ୍ଧିଜନିତ ସଂକଟରୁ ଶ୍ରମିକମାନଙ୍କୁ ରକ୍ଷା କରିବା ପାଇଁ ମାଲିକ ଓ ଶ୍ରମିକ ମିଳିତ ଭାବରେ କାର୍ଯ୍ୟକ୍ରମ ଗ୍ରହଣ କରିବା, ଅତ୍ୟଧିକ ଉତାପ ସମୟରେ କାର୍ଯ୍ୟବନ୍ଦ କରିବା, ଉତାପଜନିତ ରୋଗ ପାଇଁ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ଓ ଆନ୍ତର୍ଜାତିକ ଶ୍ରମିକ ସଂଗଠନ କନ୍‌ଭେନସନ ୧୫୫, ୧୬୭ ଓ ୧୮୭କୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ଗତ ତା. ୧୧ ଓ ୧୨ ଜୁନ ତାରିଖରେ ଜେନେଭା ଠାରେ ଅନୁଷ୍ଠିତ ବିଶ୍ୱକାର୍ଯ୍ୟକାରୀ କମିଟିରେ ନିଷ୍ପତି ନିଆଯାଇଛି। ବୈଠକ ପରେ ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ସମସ୍ତ ସଭ୍ୟ ଓ କାର୍ଯ୍ୟକର୍ତା ଓ ଗ୍ରୀନ ପିସ୍ ଆନ୍ଦୋଳନର କାର୍ଯ୍ୟକର୍ତାଙ୍କ ସହ ମିଶି ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟ ନିକଟରେ ଥିବା ଭଗ୍ନ ଚେୟାର ପାଖରେ ପୃଥିବୀର ଉତାପ କମାଅ ଓ ଶ୍ରମିକଙ୍କୁ ଉତାପ ଜନିତ ରୋଗ ଓ କଷ୍ଟରୁ ରକ୍ଷା କରିବା ଓ କ୍ଷତିପୂରଣ ଦେବା ପାଇଁ ସବୁ ଦେଶରେ ଆଇନ ପ୍ରଣୟନ କରିବା ଦାବୀରେ ଧାରଣା ଦେଇଥିଲେ। ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ସଭାପତି ପେଓ, ଉପସଭାପତି ପାଟ୍ରିକ୍, ସାଧାରଣ ସମ୍ପାଦକ ଆମ୍ବେଦ ୟୁସୁନ୍, ପ୍ରବାସୀ ଶ୍ରମିକ କମିଟି ଅଧକ୍ଷ ଚେୟାରମ୍ୟାନ ଡ. ରାମଚନ୍ଦ୍ର ଖୁଂଟିଆ, ଯୁବ କମିଟି ଅଧକ୍ଷ ବିନୋଦ କୁମାର, କ୍ୟାମ୍ପେନ ଅଧକ୍ଷ ପାଉଲା କମେଲୀ, ଗ୍ରୀନ ପିସ୍ କମିଟି ସମେତ ସାରା ବିଶ୍ୱରୁ ବିଭିନ୍ନ ଦେଶରୁ ଆସିଥିବା ୧୦୦ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଆନ୍ତର୍ଜାତିକ ନିର୍ମାଣ ଶ୍ରମିକ ମହାସଂଘର ପ୍ରବାସୀ ଶ୍ରମିକ କମିଟି ଅଧକ୍ଷ ଡ. ରାମଚନ୍ଦ୍ର ଖୁଂଟିଆ ପ୍ରବାସୀ ଶ୍ରମିକମାନଙ୍କର ମଜୁରୀ, ସ୍ୱାସ୍ଥ୍ୟ ଚିକିତ୍ସା, ସାମାଜିକ ସୁରକ୍ଷା ପାଇଁ ଜାତିସଂଘ ଦ୍ୱାରା ଗୃହିତ ଗ୍ଲୋବାଲ କମ୍ପାକ୍ଟ ଫର ମାଇଗ୍ରେସନ ଓ କଡାକଡି ଭାବରେ କାର୍ଯ୍ୟକାରୀ କରିବା ପାଇଁ ଏବଂ ଭାରତ ସମେତ ଏସିଆ ପାସିଫିକ୍ ସମସ୍ତ ଦେଶ ପ୍ରବାସୀ ଶ୍ରମିକମାନେ କାର୍ଯ୍ୟକରିବାକୁ ଯାଉଥିବା ଦେଶର ସରକାରଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ଦାବୀ କରିଥିଲେ। ସରକାରଙ୍କ ସହିତ ଦ୍ୱିପାକ୍ଷିକ ଚୁକ୍ତି ହେଲେ ପ୍ରବାସୀ ଶ୍ରମିକ ଠିକାଦାର ଏବଂ ତାଙ୍କର ସବ୍‌କଂଟ୍ରାକ୍ଟରମାନଙ୍କର ଶ୍ରମିକ ଉପରେ ହେଉଥିବା ଅତ୍ୟାଚାରକୁ ନିୟନ୍ତ୍ରଣ କରାଯାଇପାରିବ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ’

**କଳାହାଣ୍ଡି,୧୫।୬ :** ରାଜ୍ୟର ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶା ସରକାର ଐତିହାସିକ ପଦକ୍ଷେପ ସ୍ୱରୂପ ’ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା’ ଆରମ୍ଭ କରିଛନ୍ତି । ସ୍ଥାନୀୟ ଟାଉନହଲ୍ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ମେଗା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା । ରାଜ୍ୟରେ କୌଣସି ବ୍ୟକ୍ତି ଯେପରି ଖାଦ୍ୟ ଅଭାବରୁ କଷ୍ଟ ନ ପାଆନ୍ତି, ସେଥ ?ିପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ । ଏହି ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ‘ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା’ ର ଶୁଭାରମ୍ଭ କରିଥିଲେ । ଏହି ଯୋଜନା ମାଧ୍ୟମରେ ଗରିବ ପରିବାରଗୁଡ଼ିକୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯିବ । ଯାହା ସେମାନଙ୍କ ଆର୍ଥିକ ବୋଝକୁ ଲାଘବ କରିବ। ଚାଷୀମାନେ ଯେପରି ବିନା ଦ୍ୱିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପାଇଁ ସରକାର ସିଧାସଳଖ ଧାନ କିଣୁଛନ୍ତି ଓ ମଣ୍ଡିରୁ ମିଲ୍ ଦେଇ ସିଧାସଳଖ ହିତାଧିକାରୀଙ୍କ ପାଖରେ ଚାଉଳ ପହଞ୍ଚାଇବାକୁ ବ୍ୟବସ୍ଥା କରାଯାଇଛି । କୌଣସି ଶିଶୁ ଯେପରି ଅନ୍ନ ଅଭାବରୁ ଅପପୁଷ୍ଟିର ଶିକାର ନ ହୁଅନ୍ତି, ସେଥିପ୍ରତି ସରକାର ସମ୍ପୂର୍ଣ୍ଣ ସଜାଗ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଯୋଜନା ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହିତାକାରୀଙ୍କୁ ମାସିକ ୫ କିଲୋ ଚାଉଳ ମିଳୁଥିବା ବେଳେ, ଏବେ ରାଜ୍ୟ ସରକାର ଅତିରିକ୍ତ ୫ କିଲୋ ପ୍ରଦାନ କରିବେ। ଫଳରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ମାସିକ ମୋଟ ୧୦ କିଲୋ ଚାଉଳ ମାଗଣାରେ ପାଇବେ । ଏଥିରେ



କଳାହାଣ୍ଡି ଜିଲ୍ଲାରେ ମୋଟ ୪,୩୨,୪୪୮ ପରିବାରର ୧୩,୭୪,୨୩୭ ହିତାଧିକାରୀ ଉପକୃତ ହେବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦବୋଧନ ଦେଇ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଖୁଣ୍ଟିଆ କହିଥିଲେ ଯେ, ରାଜ୍ୟର ପ୍ରତ୍ୟେକ ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସରକାରଙ୍କ ମୂଳ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ମିଳିତ ସମନ୍ୱୟରେ ଓଡ଼ିଶାର ପ୍ରାୟ ୩ କୋଟି ୨୮ ଲକ୍ଷ୍ୟ ୫୨ ହଜାର ହିତାଧକାରୀ ଏହି ଯୋଜନାରୁ ସିଧାସଳଖ ଉପକୃତ ହେବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଧର୍ମଗଡ ଶ୍ରୀଯୁକ୍ତ ସୁଧୀର ରଞ୍ଜନ ପଟ୍ଟଯୋଶୀ, କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ସଭାପତି, ବିଜୟ କୁମାର ଦିଶାରୀ, ଜିଲ୍ଲା ବିଜେପି ସଭାପତି, ଯୁଗଳ କିଶୋର ପୋଦ୍ଦାର ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଗରିବ କଲ୍ୟାଣକାରୀ ଯୋଜନାକୁ ଭୂପସୀ ପ୍ରଶଂସା କରିଥିଲେ। ପ୍ରଶାସନିକ ସ୍ତରରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ (ଭା.ପ୍ର.ସେ.), ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସିଡିଓ ତଥା ନିର୍ବାହୀ ଅଧିକାରୀ ସୋମ୍ୟରଞ୍ଜନ ପ୍ରଧାନ(ଭା. ପ୍ର. ସେ.), ଜିଲ୍ଲା ବନଖଣ୍ଡ ଅଧିକାରୀ(ଦ), ଆର. କଲାଇ ଭାନ,ଜିଲ୍ଲା ବନଖଣ୍ଡ ଅଧିକାରୀ(ଉ), ପ୍ରଭାକର ବର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ରାମବାସୀଙ୍କ ଦ୍ୱାରା ସଂରକ୍ଷିତ ଜାଗାରେ ଗୃହ ନିର୍ମାଣ ଅଭିଯୋଗ



**ରେଢ଼ାଖୋଲ, ୧୫।୬ :** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ର ସର୍ବ ବୃହତମଗ୍ରାମ ହେଉଛି ସରାପାଲି ।ସର୍ବ ବୃହତ ଗ୍ରାମ ହୋଇଥିବାରୁ ଭବିଷ୍ୟତ କୁ ଦୃଷ୍ଟିରେ ରଖି ଗ୍ରାମବାସୀ ଦ୍ୱାରା ରଖା ଯାଇଥିବା ସଂରକ୍ଷିତ ଜାଗାକୁ ଶିଶୁ ବିଦ୍ୟାମନ୍ଦିର ର କର୍ତ୍ତୃପକ୍ଷ ନିଜ ନାମରେ ଲିଜ ନେବା ପାଇଁ ନାକଟିଦେଉଳ ତହସିଦାରଙ୍କ ଠାରେ ଦରଖାସ୍ତ କରିଥିବା ଗ୍ରାମବାସୀ ଅବଗତ ହେବାପରେ ଗ୍ରାମବାସୀ ତହସିଦାର ନାକଟିଦେଉଳ,ଉପଜିଲ୍ଲାପାଳ ରେଢ଼ାଖୋଲ, ଜିଲ୍ଲା ପାଳଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ନିର୍ମାଣ ହୋଇଥିବା ମୁଖ୍ୟମନ୍ତ୍ରୀ ଗୃହରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଲେଖିନିଜ ଅଧୀନକୁ ନେଇ ଉକ୍ତ ଗୃହପୂର୍ବଦିଗ ଜାଗାରେ ଗୃହ ନିର୍ମାଣ କରୁଛନ୍ତି ।ବ୍ଲକର ସର୍ବ ବୃହତମ ଗ୍ରାମହୋଇ ଥିବାରୁ ଭବିଷ୍ୟତରେ କୌଣସି ସାମୂହିକ କାର୍ଯ୍ୟକ୍ରମ ପାଇଁ ଉକ୍ତ ଜାଗାକୁ ସଂରକ୍ଷିତ ରଖା ଯାଯିବା ପାଇଁ ତହସିଲଦାର ନାକଟିଦେଉଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାକଟିଦେଉଳ, ଉପଜିଲ୍ଲାପାଳ ରେଢ଼ାଖୋଲ, ଜିଲ୍ଲା ପାଳଙ୍କ ଠାରେ ଗ୍ରାମ ବାସୀଙ୍କ ପକ୍ଷରୁ ଉକ୍ତ ଜାଗାକୁ କାହାରିକୁ ଲିଜ ନ ଦେବା ପାଇଁ ଅଭିଯୋଗ କରାଯାଇଛି ।

### ପୁଣି ନକଲି ଡାକ୍ତରଙ୍କ ଆତଙ୍କ

# ରୋଗୀଙ୍କ ଜୀବନ ସହ ଖେଳୁଥିବା ଅଭିଯୋଗ

**ବଲାଙ୍ଗୀର,୧୫।୬ :** ବଲାଙ୍ଗୀର ଜିଲ୍ଲାରେ ପୁଣିଥରେ ନକଲି ଡାକ୍ତରଙ୍କ କାର୍ଯ୍ୟକଳାପକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଦେଓଗାଁ ବ୍ଲକ୍ ଅନ୍ତର୍ଗତ ରାଏପାଲି ଗ୍ରାମର ସନୋଜ କର୍ଣ୍ଣ ଦୀର୍ଘଦିନ ଧରି ନିଜକୁ ଡାକ୍ତର ଭାବେ ପରିଚୟ ଦେଇ ଅଞ୍ଚଳର ଲୋକଙ୍କୁ ଚିକିତ୍ସା ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରେ କୌଣସି ବୈଧ ଡାକ୍ତରୀ ଡିଗ୍ରୀ କିମ୍ବା ସରକାରୀ ଅନୁମତି ନଥିବା ସତ୍ତ୍ୱେ ସେ ରୋଗୀମାନଙ୍କୁ ଔଷଧ ଦେବା ସହିତ ଗୁରୁତର ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଏହା ଦ୍ୱାରା ରୋଗୀଙ୍କ ଜୀବନ ବିପଦରେ ପଡୁଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଅନେକ ସମୟରେ ଲୋକେ ତାଙ୍କୁ ପ୍ରକୃତ ଡାକ୍ତର ଭାବି ଚିକିତ୍ସା ପାଇଁ ଯାଉଛନ୍ତି। କିନ୍ତୁ ଯଦି କୌଣସି ଅଘଟଣ ଘଟେ, ତାହାର ଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ ଉଠିଛି। ଏଭଳି ଅବୈଧ ଚିକିତ୍ସା ବ୍ୟବସ୍ଥା ଉପରେ ସ୍ୱାସ୍ଥ୍ୟ ବିଭାଗର



ନଜରଦାରୀକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ତୁରନ୍ତ ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଚିକିତ୍ସା ଅନୁମତିପତ୍ର ଯାଞ୍ଚ କରିବାକୁ ଦାବି କରିଛନ୍ତି। ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି ହୋଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ। ତେବେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଘଟଣାର ନିରପେକ୍ଷ ତଦନ୍ତ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

### ଝାରପୋଖରିଆରେ ବଡ଼ ଧରଣର ରେଡ୍

# ଗଞ୍ଜେଇ ଓ ଗୋ-ମାଫିଆଙ୍କ ସମ୍ପତ୍ତି ଉପରେ ଏକ କାଳୀନ ଚଢ଼ଉ

**ମୟୁରଭଞ୍ଜ/ସାରସକଣା,୧୫।୬ :** ମୟୂରଭଞ୍ଜ ଜିଲ୍ଲା ପୋଲିସ ପକ୍ଷରୁ ଅପରାଧୀ ଓ ମାଫିଆଙ୍କ ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଝାରପୋଖରିଆ ଥାନା ଅଞ୍ଚଳର ଦୁଇଟି ପୃଥକ ସ୍ଥାନରେ ପୋଲିସର ସ୍ୱତନ୍ତ୍ର ଟିମ୍ ଏକକାଳୀନ ଚଢ଼ାଉ କରିଛି। ଝାରପୋଖରିଆ ଥାନା କେସ୍ ନମ୍ବର ୧୦୭/୨୦୨୬ ଆଧାରରେ ପୋଲିସ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ବେଆଇନ ଗୋ-ଚାଲାଣ ମାମଲାରେ ସଂପୃକ୍ତ ଥିବା ଉତ୍ତମ ଦଣ୍ଡପାଟଙ୍କ ଘରେ ଆର୍ଥିକ ଅନୁସନ୍ଧାନ ପାଇଁ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ତାଙ୍କ ଘରୁ ପ୍ରାୟ ୧ଲକ୍ଷ ୨୦ ହଜାର ରୁ ଅଧିକ ନଗଦ ଟଙ୍କା, ସୁନା ୧୦୦ ଗ୍ରାମ, ରୂପା ୫୦୦ ଗ୍ରାମ ଏବଂ ଅନେକ ବ୍ୟାଙ୍କ ପାସବୁକ୍ ଜବତ କରାଯାଇଛି। ଏହା ସହିତ ତାଙ୍କର ଏକ ଦୁଇ ମହଲା କୋଠାଘର ଜବତ କରିଛି , ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଥିବା ବେଳେ ଗୋଟିଏ ଅଟିକା କାର ଯାହାର ବର୍ତ୍ତମାନ ମୂଲ୍ୟ ୧,୨୭,୧୧,୯୯୮ ଟଙ୍କା ବୋଲି ସୂଚନା ପ୍ରାପ୍ତ ହୋଇଛି । ତେବେ ଘଟଣାସ୍ଥଳରୁ ଉତ୍ତମଙ୍କର ଦୁଇଟି ’ଫରଚ୍ୟୁନର’ ଗାଡ଼ି ଜବତ କରାଯାଇଥିବା ବେଳେ ସେ ନିଜର ଅନ୍ୟ ଏକ ’ଢଟଠ ୭୦୦’ ଗାଡ଼ି ନେଇ ଫରାର ଥିବା ଜଣାପଡ଼ିଛି। ପୋଲିସ ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରିବା ପାଇଁ ଖୋଜାଖୋଜି ଚଳାଇଛି। ଅପରପକ୍ଷରେ,ଶୀର୍ଷା ଅଞ୍ଚଳର ଅର୍ଜୁନ ପଟ୍ଟନାୟକ(କାନହୁ) ଙ୍କ ଘରେ ମଧ୍ୟ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଏକ ଏନଡିପିଏସ ମାମଲାରେ ସଂପୃକ୍ତ ଥିବା ନେଇ ପୋଲିସ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ବିଧାୟକ କଳିକେଶଙ୍କ ପ୍ରତାପସାଗର ଓ ମହାରାଣୀସାଗର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

# ଜଳନିଷ୍କାସନ ବ୍ୟବସ୍ଥା ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା



**ବଲାଙ୍ଗୀର,୧୫।୬ :** ବଲାଙ୍ଗୀର ସହରର ଐତିହାସିକ ପ୍ରତାପସାଗର ଓ ମହାରାଣୀସାଗର ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା ପାଇଁ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଆଜି ପୌରାଧକ୍ଷା ଲିକା ସାହୁଙ୍କ ସହ ସ୍ଥଳ ପରିଦର୍ଶନ କରିଥିଲେ। ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବା ପରେ ଏହା ତାଙ୍କର ଦ୍ୱିତୀୟ ପରିଦର୍ଶନ ଥିଲା। ପ୍ରତାପସାଗର ପରିଦର୍ଶନ ସମୟରେ ବିଧାୟକ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ରୁଗୁଡିପଡା ଅଞ୍ଚଳରୁ ଆସୁଥିବା ବର୍ଷାଜଳ ବନ୍ଧ ମଧ୍ୟକୁ ପ୍ରବେଶ ନକରି ଭିନ୍ନ ମାର୍ଗରେ ନିଷ୍କାସନ ହେବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ଦାବି ରଖିଥିଲେ। ବର୍ଷା ଋତୁ ଆସିଥିବାରୁ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଧାୟକ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତାପସାଗରରେ ଦୀର୍ଘଦିନ ଧରି ଜମି ରହିଥିବା ବିପୁଳ ପରିମାଣର ପଙ୍କକୁ ପୌରପାଳିକା ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉତ୍ତୋଳନ କରାଯାଇଛି। ଏହି କାର୍ଯ୍ୟ ସମୟରେ କିଛି ସ୍ଥାନରେ ରାସ୍ତା ଉପରେ ମାଟି ପଡିଥିବା ନେଇ ଉଠିଥିବା ଅଭିଯୋଗ ପ୍ରସଙ୍ଗରେ ପୌରାଧକ୍ଷା ଲିକା ସାହୁ ସାମୟିକ ଅସୁବିଧାକୁ ସହଯୋଗର ମନୋଭାବ ସହ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ବିଧାୟକ ମଧ୍ୟ ସହରର ଦୀର୍ଘମିଆଦି ଉନ୍ନୟନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିବା ବେଳେ ବନ୍ଧ ଗୁଡିକର ସୁରକ୍ଷା ପାଇଁ ସମସ୍ତ ପଡାରେ ଏକଏକ ବରିଷ୍ଠ ନାଗରିକ ମାନଙ୍କୁ ନେଇ ସୁରକ୍ଷା କମିଟି ଗଠନ କରିବାକୁ ପୌରପରିଷଦ କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ବିଧାୟକ ମହାରାଣୀସାଗର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଦୁଇ ବର୍ଷ ପୂର୍ବରୁ ଏଠାରେ ହୋଇଥିବା ମାଟି ଉନ୍ନୟନ କାର୍ଯ୍ୟର ସକାରାତ୍ମକ ଫଳାଫଳ ଏବେ ଦୃଶ୍ୟମାନ ହୋଇଛି। ସାଗରରେ ସ୍ୱଚ୍ଛ ଓ ନିର୍ମଳ ଜଳ ସଂରକ୍ଷିତ ରହିଥିବାବେଳେ ପ୍ରତିଦିନ ହଜାର ହଜାର ଲୋକ ଏହାର ସୁବିଧା ଉପଭୋଗ କରୁଛନ୍ତି। ଖରାଦିନରେ ମଧ୍ୟ ଲୋକମାନେ ଥଣ୍ଡା ଜଳରେ ସ୍ନାନ କରୁଥିବା ଦେଖି ବିଧାୟକ ସନ୍ତୋଷ ବ୍ୟକ୍ତ କରିଥିଲେ। ମହାରାଣୀସାଗରରେ ବାହାର ଜଳ ପ୍ରବେଶ ରୋକିବା ପାଇଁ ଏକ ବଡ଼ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି। ଉପରମୁଣ୍ଡରୁ ନାଳ ଦେଇ ଆସୁଥିବା ପାଣିକୁ ସାଗର ଭିତରକୁ ନପଠାଇ ତଳମୁଣ୍ଡ ପର୍ଯ୍ୟନ୍ତ ନେବା ପାଇଁ ଏହି ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ଏହି ଡ୍ରେନର କଂକ୍ରିଟକରଣ କାମ ଚାଲିଥିବା ବିଧାୟକ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ଉପାଧକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଗାଙ୍ଗାଧର ଚାନ୍ଦ, ଶମ୍ଭୁ ନାଗ, ଶତ୍ରୁଘ୍ନ ବାଗ, ନନ୍ଦିନୀ ପୋଦ୍ଦାର, ସନ୍ତୋଷିନୀ ପୋଦ୍ଦାର, ବରିଷ୍ଠ ନେତା ବିଧୁଭୂଷଣ ତ୍ରିପାଠୀ, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ମିଡିଆ ସେଲ ସଦସ୍ୟ ବିଭୂତିଭୂଷଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଓ କର୍ମୀମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ପ୍ରତିଷ୍ଠିତ ବ୍ୟକ୍ତି ସିମାଞ୍ଚଳ ଆଚାର୍ଯ୍ୟଙ୍କ ପରଲୋକ



**ବାଲିଗୁଡା,୧୫।୬ :** କନ୍ଧମାଳ ଜିଲ୍ଲାର ଜଣାଶୁଣା ବରିଷ୍ଠ ପ୍ରତିଷ୍ଠିତ ବ୍ୟକ୍ତି, କଂଗ୍ରେସ ନେତା, ଠିକାଦାର, ବ୍ୟବସାୟୀ ତଥା ବାଲିଗୁଡା ସ୍ଥିତ ପାଟଖଣ୍ଡା ଫୁଏଲସ ର ପ୍ରତିଷ୍ଠାତା ସିମାଞ୍ଚଳ ଆଚାର୍ଯ୍ୟ (୭୦) ଙ୍କ ବୁଧବାର ସକାଳେ ବାଲିଗୁଡା ନିଜ ବାସ ଭବନ ରେ ପରଲୋକ ହୋଇଯାଇଛି । ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଏକା ଧାରରେ ଜଣେ ମେଳାପୀ, ପରୋପକାରୀ, ବନ୍ଧୁ ବତ୍ସଳ, ତଥା ବିଚକ୍ଷଣ ରାଜନୀତିଜ୍ଞ ଭାବେ ବେଶ ଜଣାଶୁଣା ଥିବା ସହ ତାଙ୍କ ରାଜନୀତି କ୍ୟାରିଅର ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ସେ କଂଗ୍ରେସ ଦଳ ରେ ନିଷ୍ଠାପର ଭାବେ କାର୍ଯ୍ୟ କରି ରାଜ୍ୟ ତଥା ଜିଲ୍ଲା ସ୍ତରରେ ବିଭିନ୍ନ ପଦ ପଦବୀ ରେ ରହି ଆସିଥିଲେ । ତାଙ୍କ ବିୟୋଗରେ ପରିବାର, ସମ୍ପର୍କୀୟ ଓ ଶୁଭେଚ୍ଛୁ ମାନେ ଗଭୀର ମର୍ମାହତ ହୋଇଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ,ବୋହୂ, ନାତି, ନାତୁଣୀ ସମେତ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ବନ୍ଧୁ ପରିଜନ ଓ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଆଚାର୍ଯ୍ୟ ଙ୍କ ମର ଶରୀର କୁ ବଜାର ସାହି ର ଆଚାର୍ଯ୍ୟ କଲୋନୀ ସ୍ଥିତ ନିଜ ବାସଭବନ ଠାରୁ ଏକ ବିରାଟ ପଟୁଆର ରେ ସମଗ୍ର ସହର ପରିକ୍ରମା କରିବା ସମୟରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଷ ଦର୍ଶନ କରିଥିଲେ । ପରିବାର ର ସମସ୍ତ ସଦସ୍ୟ ଙ୍କ ଉପସ୍ଥିତ ରେ ପୁରୀ ସ୍ଥିତ ସ୍ୱର୍ଗଦ୍ୱାର ଠାରେ ବଡ଼ ପୁଅ ମାନସ ରଞ୍ଜନ ଆଚାର୍ଯ୍ୟ ମୁଖାଗ୍ନି ଦେଇ ଅନ୍ତିମ ସଂସ୍କାର କରିଥିଲେ ।

### କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ‘ଭାରତ ଇନୋଭେଟ୍ସ’ର ରଣନୀତିକ ଦସ୍ତାବିଜ୍ ଉନ୍ମୋଚିତ

# ବିଶ୍ୱରେ ପ୍ରଦର୍ଶିତ ହେବ ଭାରତର ଇନୋଭେସନ ଶକ୍ତି : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୧୫।୬ :** ଭାରତରେ ବଢୁଥିବା ଇନୋଭେସନ ଓ ଟେକ୍ନୋଲୋଜିର କ୍ଷମତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରମୁଖ ଆନ୍ତର୍ଜାତୀୟ ପ୍ରଦର୍ଶନୀ ପୂର୍ବରୁ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ‘ଭାରତ ଇନୋଭେଟ୍ସ’ ର ରଣନୀତିକ ଦସ୍ତାବିଜ୍‌ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଉନ୍ମୋଚନ ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଆସନ୍ତା ଜୁନ୍ ୧୪ ତାରିଖରେ ଫ୍ରାନ୍ସର ନିସ୍ ସହରରେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଶ୍ରୀ ଏମାନୁଏଲ ମାକ୍ରୋନଙ୍କ ଉପସ୍ଥିତିରେ ‘ଭାରତ ଇନୋଭେଟ୍ସ’ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହେବାକୁ ଯାଉଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ ଭାରତର



ନୂଆପିଢ଼ିର ଅଭିନବ ଚିନ୍ତାଧାରା, ବ୍ୟବସାୟିକ ପ୍ରସ୍ତାବ ଏବଂ ବିଶ୍ୱର ଆବଶ୍ୟକତାକୁ ପୂରଣ କଲାଭଳି ନୂତନ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏହା ଭାରତର ଯୁବ ପିଢ଼ିର ପ୍ରତିଭା ପ୍ରତି ଏକ ବଡ଼ ଆନ୍ତର୍ଜାତୀୟ ସ୍ୱୀକୃତି । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶ କ୍ରମେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆସିଥିବା ହଜାର ହଜାର ପ୍ରସ୍ତାବ ମଧ୍ୟରୁ ଯାଞ୍ଚ କରାଯାଇ ୧୨୦ଟି ପ୍ରତିଭାବାନ ନୂତନ ଷ୍ଟାର୍ଟଅପକୁ ଚୟନ କରାଯାଇଛି । ଏହି ଷ୍ଟାର୍ଟଅପଗୁଡ଼ିକ ୧୩ଟି ପ୍ରାଥମିକତା କ୍ଷେତ୍ର ଉପରେ କାର୍ଯ୍ୟ କରୁଛନ୍ତି ଏବଂ ଦେଶର ୨୦ରୁ ଅଧିକ ପ୍ରମୁଖ ଶିକ୍ଷାନୁଷ୍ଠାନ ସହିତ ଭାଗିଦାର ହୋଇଛନ୍ତି । ଜୁନ୍ ୧୪ ରୁ ୧୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବିଶ୍ୱର ଅନେକ ଆର୍ଥିକ ପ୍ରତିଷ୍ଠାନ, ଆନ୍ତର୍ଜାତୀୟ କମ୍ପାନୀ ଏବଂ ବୁଦ୍ଧିଜୀବୀମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଏଠାରେ ଆଲୋଚନା ସହ ବ୍ୟବସାୟିକ ବୈଠକ ମଧ୍ୟ ଅନୁଷ୍ଠିତ ହେବ । ଏହି ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ଯୁବପିଢ଼ିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଅଭିନବ ଉଦ୍ଭାବନଗୁଡ଼ିକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବେ । ଭାରତ ତଥା ବିଶ୍ୱର ସାଧାରଣ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱଳ୍ପ ବ୍ୟୟସାପେକ୍ଷ, ଉଚ୍ଚ ଗୁଣବତ୍ତାସମ୍ପନ୍ନ ଏବଂ ସହଜରେ ଉପଲବ୍ଧ ହୋଇପାରୁଥିବା ସମାଧାନ ପ୍ରସ୍ତୁତ କରିବା ପାଇଁ ସରକାର ସଂକଳ୍ପବଦ୍ଧ । ବିଶ୍ୱର କଲ୍ୟାଣ ପାଇଁ ଇନୋଭେସନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସମ୍ପର୍କକୁ ଅଧିକ ମଜବୁତ କରିବା ଦିଗରେ ସହଯୋଗ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଫ୍ରାନ୍ସର ରାଷ୍ଟ୍ରପତି ଏବଂ ତାଙ୍କ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଦୃଢ଼ତାର ସହ ପ୍ରକାଶ କରିଛନ୍ତି ଯେ ଏହି କାର୍ଯ୍ୟକ୍ରମର ସଫଳତା ପଛରେ ପ୍ରଧାନମନ୍ତ୍ରୀଙ୍କ ଭିଜନ ରହିଛି ଏବଂ ଏହା ଭାରତର ସଫଳତା ସହିତ ଓତପ୍ରୋତଃ ଭାବେ ଜଡ଼ିତ ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା ପ୍ରତିବାଦ

### ସାଧାରଣ ବର୍ଗ ସମ୍ମିଳନୀର ତୀବ୍ର ପ୍ରତିକ୍ରିୟା ଓ ସରକାରଙ୍କୁ କଡ଼ା ଚେତାବନୀ

**ଭୁବନେଶ୍ୱର,୧୫।୬ :** ରାଜ୍ୟ ସରକାରଙ୍କ ପଦୋନ୍ନତି ନୀତି, ଭୋଟ ବ୍ୟାଙ୍କ ଓ ତୁଷ୍ଟିକରଣ ରାଜନୀତି ଫଳରେ ସରକାରୀ ବିଭାଗଗୁଡ଼ିକରେ ସୃଷ୍ଟି ହୋଇଥିବା ବୈଷମ୍ୟ, ଅସନ୍ତୋଷ ଓ ପ୍ରଶାସନିକ ଅସନ୍ତୁଳନ ନେଇ ସାଧାରଣ ବର୍ଗ ସମ୍ମିଳନୀ ପକ୍ଷରୁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଭୀର ଉଦବେଗ ପ୍ରକାଶ ପାଇଛି। ସମ୍ମିଳନୀ ପକ୍ଷରୁ କୁହାଯାଇଛି ଯେ, ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୦୭ ମସିହାରୁ ରାଜ୍ୟର ସମସ୍ତ ସରକାରୀ ବିଭାଗରେ “ପଦଭିତ୍ତିକ ପଦୋନ୍ନତି ବ୍ୟବସ୍ଥା” କାର୍ଯ୍ୟକାରୀ ହୋଇଆସୁଛି। କିନ୍ତୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଗତ ୧୧ ସେପଟ୍ମେର ୨୦୨୪ ତାରିଖରେ ଜାରି ହୋଇଥିବା ଏକ ବିଜ୍ଞପ୍ତି ମାଧ୍ୟମରେ ସଂରକ୍ଷିତ ବର୍ଗର କର୍ମଚାରୀଙ୍କୁ ଅଣସଂରକ୍ଷିତ ପଦବୀରେ ପଦୋନ୍ନତି ପ୍ରଦାନ ପାଇଁ ବ୍ୟବସ୍ଥା




କରାଯାଇଥିଲା। ଏହା ସାଧାରଣବର୍ଗ କର୍ମଚାରୀଙ୍କ ସାମ୍ବିଧାନିକ ଅଧିକାର ଓ ନ୍ୟାୟସଙ୍ଗତ ସୁଯୋଗ ଉପରେ ସିଧାସଳଖ ଆଘାତ ବୋଲି ସମ୍ମିଳନୀ ଅଭିଯୋଗ କରିଛି । ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ମାମଲାର ଶୁଣାଣି ପରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ସହ ଏହା ଆଧାରରେ ପ୍ରଦାନ କରାଯାଇଥିବା ପଦୋନ୍ନତିଗୁଡ଼ିକୁ ମଧ୍ୟ ବାତିଲ କରିଥିଲେ। ଏଥିସହ ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅନୁସୂଚୀତ ଜାତି ଓ ଜନଜାତି କର୍ମଚାରୀଙ୍କ ପ୍ରକୃତ ସଂଖ୍ୟା, ସେମାନଙ୍କ ପ୍ରତିନିଧିତ୍ୱ ଓ ସଂରକ୍ଷଣ ସମ୍ପର୍କିତ ସବିଶେଷ ତଥ୍ୟ ସଂଗ୍ରହ କରି ସାର୍ବଜନୀନ କରିବାକୁ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ଯେ, ହାଇକୋର୍ଟଙ୍କ ସ୍ପଷ୍ଟ ଓ ବାଧ୍ୟତାମୂଳକ ନିର୍ଦ୍ଦେଶ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଉକ୍ତ ତଥ୍ୟ ପ୍ରକାଶ କରିବାରେ ବିଫଳ ହୋଇଛନ୍ତି। ସମ୍ମିଳନୀ ଅଭିଯୋଗ କରିଛି ଯେ, ସରକାର ଇଚ୍ଛାକୃତ ଭାବେ ସମୟ ଗଡ଼ାଇବା ନୀତି ଅବଲମ୍ବନ କରି ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ଏବଂ ଏହା ଆଇନର ଶାସନ ପ୍ରତି ଅଶୋଭନୀୟ ଅବହେଳାର ପରିଚାୟକ।

### ଉଦେଶୃଙ୍ଗ ଠାରୁ କୁରସୁଡ ରାସ୍ତା କାମ ସରିବ କେବେ ?

## ତିନି ବର୍ଷରୁ ଅଧିକ ସମୟ ହେଲାଣି; ସରୁନି କାମ

**କଳାହାଣ୍ଡି,୧୫।୬ :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଉଦେଶୃଙ୍ଗ ଠାରୁ କୁରସୁଡ ପୂର୍ତ୍ତ ବିଭାଗ ରାସ୍ତା କାମକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା କାମଟି ଆରମ୍ଭ ହୋଇ ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ଏଯାବତ କାମଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଏହି ରାସ୍ତାଟି ଖଡ଼ିଆଳ ଠୁ ଭବାନୀପାଟଣା ମୁଖ୍ୟ ରାସ୍ତାରେ ସଂଯୋଗ ହୋଇଥିବାରୁ ଗୋଲାମୁଣ୍ଡା ବ୍ଲକର ଜନସାଧାରଣ ଉକ୍ତ ରାସ୍ତା ଉପରେ ବିଶେଷ ପରିମାଣରେ ଯାତାୟାତ କରିଥାନ୍ତି। ହେଲେ ରାସ୍ତା କାମଟି ଅଧପନ୍ତରିଆ ଅବସ୍ଥାରେ ଥିବାରୁ ରାସ୍ତାରେ ଯିବା ଆସିବା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି। ଉକ୍ତ କାମର କାର୍ଯ୍ୟ ଶୈଳୀ ଉପରେ ବିଭାଗୀୟ ଯନ୍ତ୍ରୀମାନଙ୍କ ଅନୁପସ୍ଥିତର କାରଣ ହେତୁ ଠିକାଦାରମାନଙ୍କ ମନମୁଖୀ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କଲେ ଫୋନ ଉଠାଉନାହାନ୍ତି। କଳାହାଣ୍ଡି ଜିଲ୍ଲାପାଳ ଏ କାମ ଉପରେ ତଦନ୍ତ କରି ଦୃଢ଼କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି ।



### ଧର୍ମଗଡ଼ ଧାନମଣ୍ଡି

## ମହିଳାଙ୍କ ନାଁରେ ପୁରୁଷଙ୍କ କବ୍‌ଜା

- ମହିଳା ସଶକ୍ତୀକରଣ ନା କାଗଜକଲମର ପ୍ରହସନ ?
- ୧୧୧ ମଣ୍ଡି ମଧ୍ୟରୁ ୨୪ଟି ମହିଳା ଏସ୍‌ଏଚ୍‌ଜିଙ୍କ ଦାୟିତ୍ୱରେ
- ପ୍ରାୟ ସବୁଠି ପରିଚାଳନା କରୁଛନ୍ତି ସମ୍ପର୍କୀୟ
- ସ୍ୱଚ୍ଛତା ଓ ନିୟମ ପାଳନକୁ ନେଇ ପ୍ରଶ୍ନ



**କଳାହାଣ୍ଡି,୧୫।୬ :** ମହିଳା ସଶକ୍ତିକରଣ ନାମରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାଧ୍ୟମରେ ଧାନ କ୍ରୟ ବ୍ୟବସ୍ଥାର ଦାୟିତ୍ୱ ମହିଳାଙ୍କୁ ଦିଆଯାଇଥିବା ବେଳେ ଧର୍ମଗଡ଼ ଉପଖଣ୍ଡର ବିଭିନ୍ନ ମଣ୍ଡିରେ ଏହାର ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। କାଗଜପତ୍ରରେ ମହିଳାମାନେ ଅଧ୍ୟକ୍ଷ, ସମ୍ପାଦିକା କିମ୍ବା ପରିଚାଳକ ଭାବେ ରହୁଥିବା ବେଳେ ବାସ୍ତବରେ ସମସ୍ତ କାର୍ଯ୍ୟ ସେମାନଙ୍କ ସ୍ୱାମୀ, ପୁଅ, ସମ୍ପର୍କୀୟ କିମ୍ବା ନିଯୁକ୍ତ ପୁରୁଷ କର୍ମଚାରୀମାନେ ସମ୍ଭାଳୁଥିବା ଅଭିଯୋଗ ହେଉଛି। ସରକାରଙ୍କ ଲକ୍ଷ୍ୟ ଥିଲା ମହିଳାମାନଙ୍କୁ ଆର୍ଥିକ ଓ ପ୍ରଶାସନିକ କ୍ଷେତ୍ରରେ ସଶକ୍ତ କରିବା। ଧାନ କ୍ରୟ ପ୍ରକ୍ରିୟାରେ ଏସ୍‌ଏଚ୍‌ଜିଙ୍କୁ ସାମିଲ କରି ସେମାନଙ୍କ ନେତୃତ୍ୱ କ୍ଷମତା ବୃଦ୍ଧି କରିବା ସହ ଆତ୍ମନିର୍ଭରଶୀଳ କରିବା ଯୋଜନା ଥିଲା। କିନ୍ତୁ ବର୍ତ୍ତମାନ ସ୍ଥିତିରେ ଅନେକ ମଣ୍ଡିରେ ମହିଳାମାନଙ୍କ ଉପସ୍ଥିତି ମଧ ଦେଖିବାକୁ ମିଳୁନଥିବା ବେଳେ ସମସ୍ତ ଦାୟିତ୍ୱ ପୁରୁଷମାନେ ନିର୍ବାହ କରୁଥିବା ଚିତ୍ର ସାମ୍ନାକୁ ଆସିଛି। ଧର୍ମଗଡ଼ ଉପଖଣ୍ଡର ମୋଟ ୧୧୧ଟି ଧାନ ମଣ୍ଡି ମଧ୍ୟରୁ ଧର୍ମଗଡ଼ ବ୍ଲକରେ ୬ଟି, ଜୁନାଗଡ଼ ବ୍ଲକରେ ୧୨ଟି, ଗୋଲାମୁଣ୍ଡା ବ୍ଲକରେ ଗୋଟିଏ, କଳମପୁର ବ୍ଲକରେ ୩ଟି ଏବଂ କୋକସରା ବ୍ଲକରେ ଗୋଟିଏ ମଣ୍ଡି ସହ ମୋଟ ୨୪ଟି ମଣ୍ଡିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟର ଦାୟିତ୍ୱରେ ଅଛନ୍ତି। କିନ୍ତୁ ଏହି ମଣ୍ଡିଗୁଡ଼ିକରେ ଚାଷୀ ପଞ୍ଜୀକରଣ, ଟୋକନ ଯାଞ୍ଚ, ଧାନ ଓଜନ, ହମାଲି, ଟ୍ରକ ଲୋଡିଂ, ହିସାବକିତାବ, ବ୍ୟାଙ୍କ କାର୍ଯ୍ୟ ଓ ସରକାରୀ ବିଭାଗ ସହ ସମନ୍ୱୟ ଭଳି ପ୍ରାୟ ସମସ୍ତ କାମ ପୁରୁଷମାନେ କରୁଥିବା ଅଭିଯୋଗ ହେଉଛି। ଚାଷୀମାନଙ୍କ କହିବା ଅନୁଯାୟୀ, କୌଣସି ସମସ୍ୟା କିମ୍ବା ଅଭିଯୋଗ ଥିଲେ ମହିଳା ପଦାଧିକାରୀଙ୍କୁ ନୁହେଁ, ସେମାନଙ୍କ ସ୍ୱାମୀ କିମ୍ବା ପୁଅଙ୍କୁ ଯୋଗାଯୋଗ କରିବାକୁ ପଡ଼େ। ମଣ୍ଡିର ସମସ୍ତ ନିଷ୍ପତ୍ତି ମଧ ପୁରୁଷମାନେ ନେଉଥିବାରୁ ମହିଳାଙ୍କ ଭୂମିକା କେବଳ ନାମକୁ ରହିଯାଇଛି ବୋଲି ସେମାନେ କହିଛନ୍ତି। ଅଭିଯୋଗ ଅନୁସାରେ, ପୂର୍ବ ଧାନ କ୍ରୟ ଋତୁରେ କିଛି ଏସ୍‌ଏଚ୍‌ଜି ବିରୋଧରେ ଅବ୍ୟବସ୍ଥା ଓ ଅନିୟମିତତାର ଅଭିଯୋଗ ଉଠିଥିଲା। ତଥାପି ସମ୍ପୃକ୍ତ ଗୋଷ୍ଠୀଙ୍କୁ ପୁଣିଥରେ ଦାୟିତ୍ୱ ଦିଆଯାଇଥିବାରୁ ଚୟନ ପ୍ରକ୍ରିୟା ଓ ତଦାରଖକୁ ନେଇ ମଧ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ପ୍ରତିଦିନ ଯୋଗାଣ ବିଭାଗ, ସମବାୟ ବିଭାଗ, ରାଜସ୍ୱ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ମଣ୍ଡି ପରିଦର୍ଶନ କରୁଥିଲେ ମଧ ମହିଳାଙ୍କ ପରିବର୍ତ୍ତେ ପୁରୁଷମାନେ କାର୍ଯ୍ୟ ପରିଚାଳନା କରୁଥିବା ଘଟଣାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏହା ନିୟମ ଉଲ୍ଲଂଘନ କି ନୁହେଁ, ଯଦି ହଁ, ତେବେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ—ଏନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

ସମାଜବିଦ୍‌ମାନଙ୍କ ମତରେ, ମହିଳାଙ୍କ ନାମରେ ଯୋଜନା ଚାଲିଥିଲେ ମଧ ବାସ୍ତବରେ ଯଦି ସେମାନେ ନିଷ୍ପତ୍ତି ନେବାର ସୁଯୋଗ ପାଉନାହାନ୍ତି, ତେବେ ଏହା ପ୍ରକୃତ ମହିଳା ସଶକ୍ତିକରଣ ନୁହେଁ। ଏଥିପାଇଁ ମହିଳାଙ୍କୁ ପ୍ରଶିକ୍ଷଣ, ସଚେତନତା ଓ ସ୍ୱାଧୀନ ଭାବେ କାମ କରିବାର ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଏହି ଘଟଣାକୁ ନେଇ ଉପଖଣ୍ଡ ପ୍ରଶାସନର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୋଗର ସତ୍ୟତା ଯାଞ୍ଚ କରାଯିବ। ଯଦି ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼େ, ତେବେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ।

ଏବେ ପ୍ରଶ୍ନ ଉଠୁଛି—ଧାନ ମଣ୍ଡିରେ ମହିଳାଙ୍କ ନାମରେ ଚାଲୁଥିବା ଏହି ବ୍ୟବସ୍ଥା ପ୍ରକୃତରେ ମହିଳା ସଶକ୍ତିକରଣର ଏକ ସଫଳ ମଡେଲ ନା କେବଳ କାଗଜକଲମରେ ସୀମିତ ଏକ ପ୍ରଶାସନିକ ପ୍ରକ୍ରିୟା ? ଏହାର ସଠିକ୍ ଉତ୍ତର ଏବେ ପ୍ରଶାସନର ତଦନ୍ତ ଓ ପରବର୍ତ୍ତୀ ପଦକ୍ଷେପ ଉପରେ ନିର୍ଭର କରୁଛି।

## ରେଳ ଷ୍ଟେସନରେ ଭେଣ୍ଡିଂ ଜୋନ୍ ନେଇ ବିବାଦ

**ରାଉରକେଲା,୧୫।୬ :** ଭେଣ୍ଡିଂକୁ ନେଇ ବାରମ୍ବାର ବିବାଦ ଉପୁଜିଛି। ମାସିକ ମୋଟା ଅଙ୍କର ବଟି ନେଇ ବେଆଇନ ଭେଣ୍ଡିଂକୁ ପ୍ରୋତ୍ସାହନ ଦେଉଥିବା କିଛି ଆରପିଏଫ୍ ବନ୍ଧା ହୋଇଛି। ଅନ୍ୟତ୍ର ବଦଳି ହୋଇ ଯାଇଛନ୍ତି। ଗତ କିଛି ଦିନ ପୂର୍ବରୁ ଏମିତି କାମ କରିବା ଅଭିଯୋଗରେ ଆରପିଏଫ୍ ଇନ୍ସପେକ୍ଟର କମଲେଶ ସମାଦାରଙ୍କ ଘରେ ଚଢ଼ଉ କରିଥିଲା ସିବିଆଇ। ସେ ଚାକିରିରୁ ନିଲମ୍ବନ ପରେ ମଧ ରାଉରକେଲା ରେଳବାଇ ଷ୍ଟେସନନକଲି ଭେଣ୍ଡରଙ୍କ ରାଜୁତି କମୁନି। ଏମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ରେଳବାଇ ବାଣିଜ୍ୟିକ ବିଭାଗର କିଛି କରିତକର୍ମା କର୍ମଚାରୀ ଓ ଆରପିଏଫ୍ ଅଧିକାରୀ। ମାସିକ ମୋଟା ଅଙ୍କର ବଟି ନେଇ ଉଭୟ ପ୍ଲାଟଫର୍ମ ଓ ଟ୍ରେନ୍‌ରେ ବେଆଇନ ଭେଣ୍ଡିଂ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି। ମାସେ କି ଦୁଇ ମାସ ନୁହେଁ, ବର୍ଷ ବର୍ଷ ଧରି ଏମିତି କାର୍ଯ୍ୟ ଚାଲିଛି। ଅଭିଯୋଗ ହେଲେ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ନେଇ କାମ ସାରିଦେଉଛନ୍ତି। ହାତଗଣତି କିଛି ନକଲି ଭେଣ୍ଡରଙ୍କୁ ଗିରଫ କରି, ପରେ ଛାଡି ଦେଉଛନ୍ତି। ଆଜି ଆରପିଏଫ୍ ମୋଟ ୧୯ ବେଆଇନ ଭେଣ୍ଡରଙ୍କୁ ଗିରଫ କରିଛି। କେବଳ ୧୯ ଜଣଙ୍କୁ ଗିରଫ କରିଦେଲେ ହେବ ନାହିଁ, କେମିତି ସମସ୍ୟା ସ୍ଥାୟୀ ସମାଧାନ ହେବ, ସେଥିପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନଥିବାରୁ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଛି। ରାଉରକେଲା ଷ୍ଟେସନରେ ୧୦ ଭେଣ୍ଡରଙ୍କୁ ଭେଣ୍ଡିଂ କରିବାକୁ ଅନୁମତି ମିଳିଛି। ହେଲେ କାମ କରୁଛନ୍ତି ୨୦୦ରୁ ଅଧିକ। କମରସିଆଲ ଇନ୍ସପେକ୍ଟର (ସିଆଇ) ଜିତେନ୍ଦ୍ର କୁମାର ପ୍ରଧାନଙ୍କ କହିବାନୁଯାୟୀ ରାଉରକେଲା ଷ୍ଟେସନରେ ମୋଟ ୧୦ଟି ଷ୍ଟଲକୁ ଭେଣ୍ଡିଂ କରିବାକୁ ଆଇଆରସିଟିସି ପକ୍ଷରୁ ବର୍ଷକ ପାଇଁ ଅନୁମତି ମିଳିଛି। ପ୍ଲାଟଫର୍ମ -୧ରେ ୨ଟି, ପ୍ଲାଟଫର୍ମ ୪ ଓ ୫ରେ ୫ଟି, କନ୍‌କୋର୍ସ ଏରିଆ (ଷ୍ଟେସନରେ ଯାତ୍ରୀଙ୍କ ଜନଗହଳିପୂର୍ଣ୍ଣ ସ୍ଥାନ)ରେ ୩ଟି ଷ୍ଟଲ ରହିଛି। ୬ଟି ୱାଟର ଭେଣ୍ଡିଂ ମେସିନ୍‌କୁ ପାଣି ବିକିବାକୁ ଅନୁମତି ମିଳିଛି। ଏଥିସହ ଗୋଟିଏ ଫୁଡ୍ ପ୍ଲାଜା ଓ ଗୋଟିଏ ରିଫ୍ରେସମେଣ୍ଟ ଷ୍ଟଲ୍‌କୁ ବର୍ଷେ ବିକିବାକୁ ଅନୁମତି ରହିଛି। ସେମିତି ଅନୁମତି ମିଳିଥିବା ଭେଣ୍ଡରମାନେ ଷ୍ଟେସନପରିସରେ କେଉଁ ଖାଦ୍ୟପଦାର୍ଥ ବିକିବେ ଓ ବିକିବେ ନାହିଁ, ତା'ର ଗାଇଡ୍‌ଲାଇନ ରହିଛି। ହେଲେ କିଛି ଲାଇସେନ୍ସ ପ୍ରାପ୍ତ ଭେଣ୍ଡର ନିୟମକୁ ଆଦୌ ପାଳନ କରୁନାହାନ୍ତି। ମନଇଚ୍ଛା ଖାଦ୍ୟପଦାର୍ଥ ବିକୁଛନ୍ତି। ଭେଣ୍ଡିଂ ପାଇଁ ୨ ଜଣ ପିଲାଙ୍କୁ ରଖିବାର ଅନୁମତି ମିଳିଥିବା ବେଳେ ସେମାନେ ୪/୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରୁଛନ୍ତି। ଭିତିରି ସଲାସୁତୁରା କରି ସେମାନଙ୍କୁ କାର୍ଡ ଦେଉଛନ୍ତି। ପୋଷାକ ପିନ୍ଧାଇଦେଉଛନ୍ତି। କେବଳ ପ୍ଲାଟଫର୍ମରେ ନୁହେଁ, ଟ୍ରେନ୍ ମଧ୍ୟରେ ମଧ ଏଭଳି ବେଆଇନ କାମ ଚାଲୁଛି। କମରସିଆଲ ଇନ୍ସପେକ୍ଟର ଓ ତାଙ୍କ ଅଧୀନରେ କାମ କରୁଥିବା କର୍ମଚାରୀ ଏଥିପ୍ରତି ଯେତିକି ଦୃଷ୍ଟି ଦେବା କଥା, ତା' ହେଉ ନଥିବାରୁ ବାରମ୍ବାର ଏଭଳି ସମସ୍ୟା ଉପୁଜୁଛି। ଯେ ପର୍ଯ୍ୟନ୍ତ କମରସିଆଲ ଇନ୍ସପେକ୍ଟର ଓ ଆରପିଏଫ୍ ଅଧିକାରୀ ତତ୍ପର ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ରାଉରକେଲା ଷ୍ଟେସନରେ ଏମିତି ବେଆଇନ ଭେଣ୍ଡିଂ ଚାଲିଥିବ।




### ୧୦ଅନୁମତି, ବୁଲୁଛନ୍ତି ୨୦୦

## ଧର୍ମ ଓ ସଂସ୍କୃତିର ସୁରକ୍ଷା ନେଇ ଏକାଠିହେଲେ ୬ ଗୋଟି ପଞ୍ଚାୟତ

**ରାଇଘର,୧୫।୬ :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରୀ ମୁଣ୍ଡା ଆଦିବାସୀ ଠାରେ ଧର୍ମ ଓ ସଂସ୍କୃତି ର ସୁରକ୍ଷା ସକାଶେ ଏକାଠି ହୋଇଛନ୍ତି ବ୍ଲକ ର ୬ ଗୋଟି ପଂଚାୟତ। ରାଇଘର, କଚରା ପାରା, ଛେଳି ଡଙ୍ଗିରି, ମହଣ୍ଡ, ଗଞ୍ଜା ପାରା, ଦେବାଙ୍ଗା ପଂଚାୟତ ର ଲୋକେ ସାମଜିକ ସୁରକ୍ଷା ଉପଲକ୍ଷେ ଏକାଠି ହୋଇଛନ୍ତି। ଏହି ଛ ଗୋଟି



ପଂଚାୟତ ର ସରପଞ୍ଚ , ବୋୟୋଜେଷ୍ଠ ବୁଦ୍ଧି ଯିବି ପ୍ରମୁଖ ଉପସ୍ଥିତ ନିଜ ନିଜ ର ମତ ପ୍ରକାଶ କରିଥଲେ। କେତେକ ଲୋକ ବିଭିନ୍ନ ପ୍ରକାର ଲାଳସା ଓ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ ପାଇଁ ଉତ୍ସାହିତ କରିବା ଦ୍ୱାରା କିଛି ଲୋକ ଧର୍ମ ପରିବର୍ତ୍ତନ କରିଛନ୍ତି। ଯଦି କୌଣସି ବ୍ୟକ୍ତି ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବେ ତାହା ହେଲେ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କୁ ଅବଗତ କରାଇବା ସହ ନିଜ ଧର୍ମ ଐତିହ୍ୟ ଓ ପରମ୍ପରା ସୁରକ୍ଷା ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବଂ ମିଥ୍ୟା ପ୍ରତିଶ୍ରୁତି କୁ ଦୂରେଇ ରହିବା ନେଇ ଆଲୋଚନ କରିଥିଲେ।

## ୮୦ % ଦିବ୍ୟାଙ୍ଗ ଯୁବତୀଙ୍କୁ ମିଳୁନି ଭିନ୍ନକ୍ଷମ ଭତ୍ତା

**ସୁନ୍ଦରଗଡ଼,୧୫।୬ :** ବାଲିଶଙ୍କରା ବ୍ଲକ ବେହେରାଡିହି ପଂଚାୟତ ଦାଣ୍ଡପାନି ଗ୍ରାମର ୮୦ % ଦିବ୍ୟାଙ୍ଗ ଥିବା ଯୁବତୀ ରିମା ଭୈସାଲ (୨୦) ଭିନ୍ନକ୍ଷମ ଭତ୍ତା ପାଇବାରୁ ବଂଚିତ ଅଛନ୍ତି । ରିମା ଭୈସାଲଙ୍କ ପରିବାରରେ ବାପା, ମା', ମାଉସୀ ଓ ଭାଇ ଥିବାବେଳେ ଚାଷ ଜମି ଅଧା ଏକର ଓ ଚାଳଛପର ଘରଟିଏ ଅଛି। ରିମା ଭୈସାଲଙ୍କ ମା' ୧୦ ବର୍ଷ ପୂର୍ବେ ଆରପାରିକୁ ଚାଲିଯାଇଥିବା ବେଳେ ତାଙ୍କ ବାପା ପିଲାମାନଙ୍କ ଦେଖାରଖା ପାଇଁ ଦ୍ୱିତୀୟ ବିବାହ କରିଥିଲେ । ରିମାଙ୍କ ମାଉସୀ ଦୁଇ ଭାଇଭଉଣୀଙ୍କ ନିଜ ପୁଅଝିଅ ପରି ଲାଳନପାଳନ କରିଥିବା ଗ୍ରାମବାସୀ ମତ ଦେଇଛନ୍ତି। ଏମାନଙ୍କ ନିଜର ଜମି ନଥିବାରୁ ଅନ୍ୟ ଲୋକଙ୍କ ଘରେ ମା' ବାପା ମୂଲ ଲାଗି ରୋଜଗାର କରି ପରିବାର ପରିପୋଷଣ କରିଥାନ୍ତି । ମୁକୁନ୍ଦ ଭୈସାଲ ନିଜ ଉଦ୍ୟମରେ ଝାଟିମାଟି ଘରଟିଏ ତିଆରି କରି ୪ ପ୍ରାଣୀକୁଟୁମ୍ବ ରହୁଛନ୍ତି। ସରକାରୀ ସହାୟତା କହିଲେ ରାସନ କାର୍ଡ ଅଛି କିନ୍ତୁ ସେହି କାର୍ଡରେ ଜଣକର ଖାଲି ୫ କେଜି ଚାଉଳ ବ୍ୟତୀତ ଆଉ ସରକାରୀ ଯୋଜନାରେ ସାମିଲ ହୋଇ ପାରିନାହାନ୍ତି । ସରକାରୀ ଗୃହଟିଏ ମଧ ପାଇପାରିନାହାନ୍ତି । ଦୁଃଖର ବିଷୟ କି ଏହି ପରିବାରଜର ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୁବତୀଙ୍କ ଆଖି ଠିକ ରୂପେ ଦେଖାଯାଉନାହିଁ। ତାଙ୍କୁ ୨୦ ବର୍ଷ ହୋଇ ସାରିଲାଣି କିନ୍ତୁ ମିଳୁନି ଦିବ୍ୟାଙ୍ଗ ଭତ୍ତା ନା ଖାଦ୍ୟ ସାମଗ୍ରୀ, ବାପା, ମା ମଧ ବାର୍ଦ୍ଧକ୍ୟ ହେବାରେ ଲାଗିଲେଣି । ଏ ପରିବାର ଦୁଃଖ ଦୂର କରିବାକୁ ଗ୍ରାମର ସ୍ୱେଚ୍ଛାସେବୀ ଚନ୍ଦ୍ରଭାନୁ ଜୁରା ଦାବି କରିଛନ୍ତି ଯେ, ପରିବାରକୁ ଯୁବତୀକୁ ବିକଳାଙ୍ଗ ଭତ୍ତା ଦେବା ସହ ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ କରି ଏପରିବାର ପ୍ରତିପୋଷଣ ପ୍ରଶାସନ ଦୃଷ୍ଟି ଦେଇ ପ୍ରତିକାର କରିବାକୁ ଦାବି ରଖିଛନ୍ତି ।



## ଛୁରାମାଡ଼ରେ ବୃଦ୍ଧଙ୍କ ମୃତ୍ୟୁ : ଶବ ରଖି ରାସ୍ତାରୋକ

**ବଙ୍ଗୋମୁଣ୍ଡା,୧୫।୬ :** ବଙ୍ଗୋମୁଣ୍ଡା ୪୨ ନମ୍ବର ରାଜ୍ୟ ରାଜପଥ କନ୍ଧବାହାଲ ଠାରେ ଶବ ରଖି ରାସ୍ତା ଅବରୋଧ । ବଙ୍ଗୋମୁଣ୍ଡା ଥାନା କନ୍ଦବାହାଲ ଗାଁରେ ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା - ଜୀବନ ସହ ସଂଗ୍ରାମ କରି ଚାଲିଗଲା ଜୀବନ। ମୃତକ ହେଉଛନ୍ତି କନ୍ଧବାହାଲ ଗାଁ ର ଚକ୍ର ପୁଞ୍ଜି ବୋଲି ଜଣାପଡିଛି । ବଙ୍ଗୋମୁଣ୍ଡା ପୋଲିସ କୁ ଲିଖିତ ଅଭିଯୋଗ କରିବା ପରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଉତ୍ୟକ୍ତ ଲୋକେ ବାଧ ହୋଇ ରାସ୍ତାରୋକ କରିଥିଲେ। ଚକ୍ର ପୁଞ୍ଜି ଙ୍କୁ କୌଣସି କାରଣ କୁ ନେଇ କିଛି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣକାରୀ ଙ୍କୁ ଗିରଫ କରିବା ଦାବି ନେଇ ରାସ୍ତାରୋକ କରାଯାଇଛି ।



## ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ୍ ପାଇଁ ଟିଟିଲାଗଡ଼ ବିଧାୟକଙ୍କୁ ଦାବିପତ୍ର

**ବଲାଙ୍ଗୀର,୧୫।୬ :** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ବର୍ତ୍ତମାନ ସାରା ରାଜ୍ୟରେ ଅନୁଦାନ ସମ୍ପର୍କରେ ଅଭିଯାନ ଆରମ୍ଭ କରିଛନ୍ତି । ଏହି କ୍ରମରେ ବଲାଙ୍ଗିର ଜିଲ୍ଲା ସଂଘ ତରଫରୁ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ନୀତି ସକାଶେ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ ପାଇଁ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମହୋଦୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଧାୟକ ସଂଘର ଦାବିକୁ ଶୁଣି ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ ପାଇଁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି । ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଂଘର ଦିନେଶ ସାହୁ, ଗାନ୍ଧୀ ପଧାନ, ଶୋଭିତ ଦାଶ, ନୀଳକଣ୍ଠ ଗଡତ୍ୟା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



## ୩୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ : ୨ ଗିରଫ

**ବଲାଙ୍ଗୀର,୧୫।୬ :** ବଲାଙ୍ଗିର ସହର ଉପକଣ୍ଠ ବଲାଙ୍ଗିର-ଆଟଗାଁ ରାସ୍ତା ଭାଲେର ଛକରୁ ବଲାଙ୍ଗିର ଅବକାରୀ ବିଭାଗ ଏକ ଥାର୍ ଗାଡି ସହ ୩ କ୍ୱିଣ୍ଟାଲ ୭୦ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଝାଡ଼ଖଣ୍ଡ ଅଞ୍ଚଳର ସଲମନ ଅଲମ୍ (୨୯) ଓ ମହମ୍ମଦ ଅସିଫ (୪୦) ନାମକ ଦୁଇଜଣ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ଅବକାରୀ ବିଭାଗ ପକ୍ଷରୁ ଆଜି ସକାଳେ ଭାଲେର ଛକ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଭୋର ପ୍ରାୟ ୫ ଟାରେ ଅବକାରୀ ବିଭାଗ ଅଧିକାରୀ ଆସୁଥିବା ଥାର ଗାଡ଼ିକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ କଲାରୁ ଗାଡ଼ିରେ ଗଞ୍ଜେଇ ଥିବା ଜଣା ପଡ଼ିଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ସଲମନ୍ ଓ ମହମ୍ମଦଙ୍କୁ ଗିରଫ ସହ ପଚରାଉଚୁରା କଲାରୁ ଅଭିଯୁକ୍ତମାନେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଥାର ଗାଡ଼ିରେ ମହାରାଷ୍ଟ୍ର ଅଭିମୁଖେ ଚାଲାଣ କରୁଥିବା ଜଣା ପଡ଼ିଥିଲା। ବଲାଙ୍ଗିର ଜିଲ୍ଲା ତୁଷୁରା ଅଞ୍ଚଳ ଦେଇ ବଲାଙ୍ଗିର ସହରରେ ପହଞ୍ଚିବା ପୂର୍ବରୁ ଗଞ୍ଜେଇ ମାଫିଆ ଅବକାରୀ ବିଭାଗ ହାତରେ ଧର ପଡ଼ିଯାଇଥିଲେ। ଅଭିଯୁକ୍ତମାନଙ୍କ ପାଖରୁ ଦୁଇଟି ମୋବାଇଲ ମଧ୍ୟ ଜବତ ହୋଇଛି। ଜବତ ଗଞ୍ଜେଇ ଓଜନ କରାଯିବାରୁ ଏହା ୩ କ୍ୱିଣ୍ଟାଲ ୭୦ କେଜି ହୋଇଥିଲା। ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୩୭ ଲକ୍ଷ ଟଙ୍କା ଓ ଥାର୍ ଗାଡ଼ିର ମୂଲ୍ୟ ୨୦ ଲକ୍ଷ ଟଙ୍କା ହୋଇଥିବା ଅବକାରୀ ବିଭାଗ ସୂଚନା ଦେଇଛି। ଏ ନେଇ ବଲାଙ୍ଗିର ଅବକାରୀ ଥାନାରେ ମାମଲା ରୁଜୁ ସହ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚଲାଣ କରାଯାଇଛି। ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ କାରବାର ସହ ଗଞ୍ଜେଇ ଚାଲାଣ ଘଟଣାରେ ଆଉ କାହାର ସଂପୃକ୍ତି ରହିଛି ସେ ନେଇ ଅଧିକ ତଦନ୍ତ ଜାରି ରହିଛି । ବଲାଙ୍ଗିର ଅବକାରୀ ଅଧିକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଥିବା ସୂଚନା ଦିଆ ଯାଇଛି। ଗଞ୍ଜେଇ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ ମାମଲାରେ ବଲାଙ୍ଗିର ଅବକାରୀ ନିରୀକ୍ଷକ ସୁଶାନ୍ତ ପରିଡ଼ା, ନିରୀକ୍ଷକ ଜୟଦେବ ପଧାନ, ଉପ ନିରୀକ୍ଷକ ରାଜ କୁମାର ବେହେରାଙ୍କ ସହ ଅବକାରୀ କର୍ମଚାରୀ ସାମିଲ ଥିଲେ।



## ଗଞ୍ଜେଇ ଚାଲାଣକାରୀ ଗିରଫ

**ବରଗଡ,୧୫।୬ :** ଅନ୍ତଃରାଜ୍ୟ ଗଂଜେଇ ଚାଲାଣକାରୀଙ୍କୁ ଗିରଫ କଲା ବରଗଡ଼ ପୋଲିସ । ବରଗଡ଼ ପୋଲିସକୁ ମିଳିଛି ବଡ଼ ସଫଳତା । ୧୩୧ କେଜି ଗଂଜେଇ ସହ ଦୁଇଜଣ ଅନ୍ତଃରାଜ୍ୟ ଗଂଜେଇ ଚାଲାଣକାରୀଙ୍କୁ ଗିରଫ କରିଛି ପୋଲିସ । ବରଗଡ଼ ଏସପିଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଗ୍ରାମାଞ୍ଚଳ ଥାନା ପକ୍ଷରୁ ନାକାରେ ଚେକିଂ ସମୟରେ ଏକ କାରକୁ ତଲାସ କରାଯାଇଥିଲା । କାରଟି ଗଂଜେଇ ନେଇ ଛତିଶଗଡ଼ରୁ ଝାଡ଼ଖଣ୍ଡକୁ ଯାଉଥିବା ସମୟରେ ପୋଲିସ ହାତରେ ଧରାପଡିଥିଲା । ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ହଜାରୀବାଗ ଅଞ୍ଚଳର ୨୯ ବର୍ଷୀୟ ମନୋଜ ଦିବାକର ଓ ୩୦ ବର୍ଷୀୟ ରୋଶନ କୁମାର ସିଂ । ୧୩୧ କେଜି ୩୪୦ ଗ୍ରାମ ଗଂଜେଇ ସହ କଳା ରଙ୍ଗର କ୍ରେଟା କାର, ଦୁଇଟି ମୋବାଇଲ କେଶ ୧୩୫୦ ଟଙ୍କା ସହ ଅନ୍ୟ ସାମଗ୍ରୀ ଜବତ କରାଯାଇଛି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati